"ଆଗରୁ ଯାହା ସବୁ ଦେଖାଯାଇଛି – ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି– ଆଗରୁ ଯାହାସବୁ ଗଠନ କରାଯାଇଛି ସେସବୁକୁ ପଛରେ ପକାଇ ଦିଅ । ... ତା'ପରେ ସେହି ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ ତା'ପରେ ଯାହାକିଛି ଘଟିବାର ଘଟୁ। ବାସ– ଏତିକି। –ଶ୍ରୀମା

# ପ୍ୟାକେଜ ଭେଳିକି: ଧର୍ମକୁ ଆଖିଠାର



ଡ. ସନ୍ତୋଷ କୁମାର ମହାପାତ୍ର

କୋଭିଡ୍ ମହାମାରୀ ହେଉଛି ଆମ ସମୟର ଭୟଙ୍କର ସ୍ୱାସ୍ଥ୍ୟ ଓ ଆର୍ଥିକସଙ୍କଟ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ବୃହତ୍ ମାନବିକ ଆହ୍ୱାନ। ଏହା ଭାରତ ସମେତ ସମଗ୍ର ବିଶ୍ୱ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଏହି ସମୟରେ ଧନିକ ଶ୍ରେଣୀ, କର୍ପୋରେଟ, ଅରବପତିଙ୍କ ସମ୍ପଦ ବହୁଗୁଣ ବୃଦ୍ଧିପାଇଛି। କମ୍ପାନୀଗୁଡ଼ିକ ଲାଭ ଅହେତୁକ ବୃଦ୍ଧି ପାଇଛି।

କର୍ପୋରେଟମାନଙ୍କ ଲାଭ ସତ୍ତ୍ୱେ ସେମାନଙ୍କ କାରବାର ହ୍ରାସ ପାଇଛି, ଉତ୍ପାଦ ଏବଂ ସେବାଗୁଡ଼ିକର ଚାହିଦା ହ୍ରାସ ମଧ୍ୟ ଶିଳ୍ପ ଜଗତରେ ଉଦ୍‌ବେଗ ସୃଷ୍ଟି କରିଛି। ଏଣୁ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ନୁହେଁ, ନିଜ ବ୍ୟବସାୟର ସୁରକ୍ଷା ପାଇଁ ସରକାରଙ୍କ ନିକଟରେ ଆର୍ଥିକ ପ୍ୟାକେଜ ପାଇଁ ଶିଳ୍ପଜଗତ ଦାବି କରିଥିଲା, ଯାହା ସରକାର ଶୁଣିଛନ୍ତି। ଅବଶ୍ୟ ସରକାର ଲୋକଙ୍କ ଦାବି ଶୁଣନ୍ତି ନାହିଁ। ଏକ ଆର୍ଥିକ ପ୍ୟାକେଜ ହେଉଛି ବିଭିନ୍ନ ପ୍ରକାର ଆର୍ଥିକ ପଦକ୍ଷେପ, ଯାହା ସରକାର ଏକ ଦୁର୍ବଳ, ନିମ୍ନମୁଖୀ, ବିପର୍ଯ୍ୟୟମୁଖୀ ଅର୍ଥନୀତିକୁ ଟ୍ରାକକୁ ଆଣିବା ପାଇଁ ଘୋଷଣା କରନ୍ତି। ଏକ ଆର୍ଥିକ ଉତ୍ସାହ ପ୍ୟାକେଜ ଉପଯୋଗିତା ପଛରେ ଥିବା କେନ୍ସଙ୍କ ଥିଓରି ବା କିନ୍ସିଆନ ଅର୍ଥନୀତିର ତତ୍ତ୍ୱ ହେଉଛି ଆର୍ଥିକ ମାନ୍ଦାବସ୍ଥା ବା ଅନ୍ୟ ଭୟଙ୍କର ଆର୍ଥିକ ସଙ୍କଟ ଆପେ ଆପେ ଦୂର ହେବନାହିଁ । ଏଥିପାଇଁ ସରକାରୀ ହସ୍ତକ୍ଷେପ ଜରୁରୀ। ଏକ ଆର୍ଥିକ ପ୍ୟାକେଜ ଆର୍ଥିକ ସହାୟତା, ବ୍ୟୟ (ବିତ୍ତୀୟ ନୀତି), ସୁଧହାର ହ୍ରାସ (ମୁଦ୍ରା ନୀତି) କିମ୍ବା ପରିମାଣିକ ସହଜ (କ୍ୱାଣ୍ଟିଟେଟିଭ ଇଜିଙ୍ଗ) ଆକାରରେ ହୋଇପାରେ। ଯେତେବେଳେ ସରକାର ବିତ୍ତୀୟ ପଦକ୍ଷେପ ପାଇଁ ଚୟନ କରନ୍ତି, ସେତେବେଳେ ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ଏବଂ ଚାହିଦା ବୃଦ୍ଧି ପାଇଁ ପଦକ୍ଷେପ ନିଅନ୍ତି । ଏଥିପାଇଁ ଟିକସ ହ୍ରାସ କରିଥାନ୍ତି, ଲୋକଙ୍କୁ ଆୟ ସହାୟତା ଦେଇଥାନ୍ତି, ବିଭିନ୍ନ କ୍ଷେତ୍ରରେ ବ୍ୟୟ ବୃଦ୍ଧି କରିଥାନ୍ତି। ସରକାର ବେକାରି ହାର ହ୍ରାସ, ନିଯୁକ୍ତି ସୃଷ୍ଟି, ଦରଦାମ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇଥାନ୍ତି। ଟିକସ ହ୍ରାସ ଯୋଗୁ ଲୋକଙ୍କ ପାଖରେ ପରୋକ୍ଷରେ ଅଧିକ ଅର୍ଥ ରହିଥାଏ ଏବଂ ଲୋକ ବେଶି ବ୍ୟୟ କରିଥାନ୍ତି।

ଅର୍ଥନୀତିକୁ ଚଳଚଞ୍ଚଳ କରିବା ପାଇଁ ମୁଦ୍ରା ନୀତିରେ ସୁଧ ହାର ହ୍ରାସ କରାଯାଏ। ଯେତେବେଳେ ସୁଧ ହାର ହ୍ରାସ କରାଯାଏ, ଲୋକ ସଞ୍ଚୟ କରିବାକୁ ନିରୁତ୍ସାହିତ ହୁଅନ୍ତି, ଅଧିକ ଋଣ ନେଇ ଅଧିକ ବ୍ୟୟ କରନ୍ତି। ଅଧିକ ବ୍ୟୟ କଲେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧିପାଏ । କିନ୍ତୁ ସୁଧ ହ୍ରାସ ଯୋଗୁ ବେଶି ଲାଭବାନ ହୋଇଥାନ୍ତି କର୍ପୋରେଟ ଜଗତ ଏବଂ ସରକାର। ଉଭୟଙ୍କର ସୁଧ ବାବଦ ପରିବ୍ୟୟ ହ୍ରାସ ପାଇଥାଏ। କିନ୍ତୁ ସଞ୍ଚୟ ଉପରେ ନିର୍ଭର କରି ବଞ୍ଚୁଥିବା ଲୋକ ବେଶି କ୍ଷତିଗ୍ରସ୍ତ ହୋଇଥାନ୍ତି। ପରିମାଣିକ ସହଜତା ହେଉଛି ଏକ ପ୍ରକାରର ବିସ୍ତାରିତ ମୁଦ୍ରା ନୀତି ଯେତେବେଳେ ଏକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନରୁ ବଣ୍ଡ୍ ପରି ବହୁ ସଂଖ୍ୟକ ଆର୍ଥିକ ସମ୍ପତ୍ତି କ୍ରୟ କରେ, ଯାହା ଅର୍ଥ ଯୋଗାଣରେ ବୃଦ୍ଧି କରିଥାଏ, ବଣ୍ଡର ମୂଲ୍ୟ ବୃଦ୍ଧି କରିଥାଏ ଏବଂ ସୁଧ ହାର ହ୍ରାସ କରିଥାଏ । ଯେତେବେଳେ ସୁଧହାର ବହୁତ କମ୍ ଥାଏ, ମୁଦ୍ରା ନୀତି କାର୍ଯ୍ୟକାରୀ କରିହୁଏ ନାହିଁ, ସେତେବେଳେ ସରକାର ଏହିନୀତି ଅପଣାଇଥାନ୍ତି।

ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଏକ ରିପୋର୍ଟରେ କୁହାଯାଇଛି ଯେ, ମହାମାରୀର ଅର୍ଥନୈତିକ ପ୍ରଭାବ ହେତୁ ସ୍ୱଳ୍ପ ଆୟ ବର୍ଗର ଲୋକମାନେ ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ ପାଇଁ ସରକାର ୮ ଲକ୍ଷ କୋଟି ଟଙ୍କାର ରିଲିଫ ପ୍ୟାକେଜ ( ଅର୍ଥ ଆକାରରେ) ଦେବାକୁ ପଡ଼ିବ। କିନ୍ତୁ ସରକାର ଯେଉଁ ୬.୨୯ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି, ତାହା ୨୦୨୧–୨୨ର ସମ୍ଭାବ୍ୟ ଜିଡିପି (୨୨୨.୮୭ ଲକ୍ଷ କୋଟି ଟଙ୍କା)ର ୨.୮୨% । କିନ୍ତୁ ସେଥିରେ ନଗଦ ଅର୍ଥ ବ୍ୟୟ କରିବାର ପ୍ରସ୍ତାବ କମ୍ । କିଛି ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଏହା ମାତ୍ର ୧୧୮,୩୯୦ କୋଟି ଟଙ୍କା, ଯାହା ଜିଡିପିର ମାତ୍ର ୦.୫% । ଯେଉଁସବୁ ପ୍ୟାକେଜ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ତାହା ଅଦରକାରୀ ବୋଲି ଆମେ କହୁନାହୁଁ । କିନ୍ତୁ ସେସବୁ ବର୍ତ୍ତମାନର ସମସ୍ୟା ସମାଧାନ କରିବ ନାହିଁ । କାରଣ ତାହା ସପ୍ଲାଇ ସାଇଡ ବା ଯୋଗାଣ ପାର୍ଶ୍ୱ ସମସ୍ୟା ସମାଧାନ ପାଇଁ ଉଦ୍ଦିଷ୍ଟ। କିନ୍ତୁ ବର୍ତ୍ତମାନ ସମସ୍ୟା ହେଉଛି ଡିମାଣ୍ଡ ସାଇଡ ସମସ୍ୟା ବା ଚାହିଦା ଅଭାବଜନିତ ସମସ୍ୟା । ବର୍ତ୍ତମାନ ନଗଦ ବ୍ୟୟ ଆବଶ୍ୟକ ଥିଲାବେଳେ ପ୍ୟାକେଜ ଦୀର୍ଘ ଏବଂ ମଧ୍ୟମ ସମୟର ଋଣ–ଆଧାରିତ ବା ଋଣ ଗ୍ୟାରେଣ୍ଟି ଯୋଜନା କେବଳ କମ୍ପାନୀଗୁଡ଼ିକୁ ସହାୟକ ହେବ।

ବର୍ତ୍ତମାନ ଲୋକଙ୍କ କ୍ରୟଶକ୍ତି ବ୍ୟୟ ବୃଦ୍ଧି ଆବଶ୍ୟକ। ଏଥିପାଇଁ ଲୋକଙ୍କୁ ଆୟ ସହାୟତା ଦେବା ସହିତ ସ୍ୱାସ୍ଥ୍ୟ ସେବା ସହଜରେ ଏବଂ ମାଗଣା ବା ସ୍ୱଳ୍ପ ମୂଲ୍ୟରେ ଯୋଗାଇଦେବା ଉଚିତ। ଏହା ସହିତ ନିଯୁକ୍ତି ସୃଷ୍ଟିକରି ଜୀବିକା ହରାଇଥିବା ଲୋକଙ୍କୁ ପୁନଃ ଥଇଥାନ କରିବା ପାଇଁ ପଦକ୍ଷେପ ନେବା ଉଚିତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେଉଁ ପରିବାରରେ ମହାମାରୀ ଯୋଗୁ କେହି ମୃତ୍ୟୁବରଣ କରିଛନ୍ତି ବା ସଂକ୍ରମିତ ରୋଗୀର ଚିକିତ୍ସା ପାଇଁ ଦେବାଳିଆ ବା ଋଣଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିବାର ଅବଶ୍ୟକତା ରହିଛି। ଏତଦ୍‌ବ୍ୟତୀତ ଯେଉଁ ପରିବାରରେ ରୋଜଗାର କରୁଥିବା ଲୋକଟି ମୃତ୍ୟୁବରଣ କରିଛି ଏବଂ ସେହି ପରିବାରରେ ଆଉ କେହି ରୋଜଗାର କରୁନାହାନ୍ତି, ସେହି ପରିବାରର ଜଣକୁ ତା'ର ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ଯୋଗାଇବା ଅତ୍ୟନ୍ତ ଜରୁରୀ। ଏହାସହିତ ଅତ୍ୟାବଶ୍ୟକ ସାମଗ୍ରୀର ଦର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ ଥିଲା । ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ଉପରୁ ବର୍ଦ୍ଧିତ ଟିକସ ହ୍ରାସକରି ସେସବୁର ମୂଲ୍ୟ ହ୍ରାସ କରିବା। କାରଣ ଏସବୁର ମୂଲ୍ୟ ଅସହ୍ୟ ହେବା ଯୋଗୁ ସମସ୍ତେ ପ୍ରଭାବିତ ହେଉଛନ୍ତି। ସବୁ ଦର ବୃଦ୍ଧି ପାଉଛି। କ୍ରୟଶକ୍ତି ହ୍ରାସ ପାଉଛି । ଏସବୁ ସମସ୍ୟାର ସମାଧାନ ନ କରି ଯଦି ଅନ୍ୟ କିଛି ପ୍ୟାକେଜ ଦିଆଯାଏ, ତେବେ ତାହାଦ୍ୱାରା ସମସ୍ୟାର ସମାଧାନ ହେବନାହିଁ।

ଏହାପୂର୍ବରୁ ମହାମାରୀର ଭୟଙ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ଗତବର୍ଷ ଆତ୍ମନିର୍ଭର ଭାରତ ପ୍ୟାକେଜ ଅଧୀନରେ ୨୦୨୦ରେ ମେ ୧୩–୧୭, ଅକ୍ଟୋବର ୧୨ ଏବଂ ନଭେମ୍ବର ୧୨ରେ ସରକାର ଯେଉଁ ପ୍ୟାକେଜ ପ୍ରସ୍ତାବ ଦେଇଥିଲେ, ତାହାର ମୂଲ୍ୟ ୨୯.୮୭ ଲକ୍ଷ କୋଟି ଟଙ୍କା ବା ଭାରତର ଜିଡିପିର ପ୍ରାୟ ୧୬% ସହିତ ସମାନ ଥିଲା। କିନ୍ତୁ ମୋଟ ଆର୍ଥିକ ଖର୍ଚ୍ଚ ପ୍ରାୟ ୩ ଲକ୍ଷ କୋଟି ଟଙ୍କା, ଯାହା ଜିଡିପିର ୧.୫% ବୋଲି ଆକଳନ କରାଯାଇଛି। ପୁନଶ୍ଚ ୨୦୨୦–୨୧ ବଜେଟର ଧାର୍ଯ୍ୟ ଅଟକଳ (୩୦.୪୨ ଲକ୍ଷ କୋଟି ଟଙ୍କା)ଏବଂ ପ୍ୟାକେଜ ଦେବା ପରେ ସଂଶୋଧିତ ଅଟକଳ (୩୪.୫୧ ଲକ୍ଷ କୋଟି ଟଙ୍କା) ରେ ଯଦିଓ ୪.୧୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଥିଲା, କିନ୍ତୁ ମୁଖ୍ୟ ଭାଗ ପୂର୍ବ ବଜେଟ ବାହାର ଋଣ ଶୁଝିବାରେ ଯାଇଥିଲା। ଅର୍ଥାତ ମହାମାରୀ ପ୍ୟାକେଜ ପାଇଁ ସରକାର ସେତେବେଳେ ଅତିବେଶିରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିଲେ ବୋଲି ଧରିବାକୁ ହେବ। ଯଦି ଅଧିକ ବ୍ୟୟ କରିଥାନ୍ତି ତେବେ ତାହା ଅନେକ ଗୁରୁତ୍ୱପୂର୍ଣ ବ୍ୟୟ ହ୍ରାସ କରିଛନ୍ତି । ଏପରିକି ସରକାରଙ୍କ ତଥ୍ୟ ଅନୁସାରେ ସବୁ ପ୍ୟାକେଜ ମିଶାଇଲେ ମୋଟ ଅର୍ଥ ବ୍ୟୟ ୪ ଲକ୍ଷ କୋଟି ଟଙ୍କା ପାଖାପାଖି ହେବ, ଯାହା ଜିଡିପିର ୨% ପାଖାପାଖି ହେବ।

ଯଦି ଆମେ ଭାରତର ଅର୍ଥ ବ୍ୟୟକୁ ଅନ୍ୟ ଦେଶ ସହିତ ତୁଳନା କରିବା, ତେବେ ଭାରତର ସ୍ଥିତି ଅତ୍ୟନ୍ତ ଖରାପ। ଆଡାମ୍ ଟେଲରଙ୍କ ଦ୍ୱାରା ଲିଖିତ ୱାଶିଂଟନ ପୋଷ୍ଟ (୬ ଏପ୍ରିଲ ୨୦୨୧) ର ଏକ ଆର୍ଟିକିଲ ଅନୁଯାୟୀ ଜାପାନରେ ଏହି ଖର୍ଚ୍ଚ ଜିଡିପିର ୫୪.୯%, ଆମେରିକା ୨୭.୯% , ସିଙ୍ଗାପୁର ୨୭.୦୫%, ସ୍ଲୋଭେନିଆ ୨୪.୫୪%, ଗୁଆନା ୨୩.୪୨%, ସୁଇଡେନ ୨୩.୦୧%, ଫିନ୍‌ଲାଣ୍ଡ ୨୧.୨୮%, ଲିଥୁଆନିଆ ୨୦.୯୫%, ଜର୍ମାନୀ ୨୦.୩୨%, ଅଷ୍ଟ୍ରେଲିଆ ୧୯.୯୧%। ଜାପାନର ତଥ୍ୟକୁ ନେଇ ଅନେକ ବିବାଦ ରହିଛି। କେତେକେ କୁହନ୍ତି ଏହା ଜିଡିପିର ୨୦%ରୁ କମ୍। ଭାରତର ଆକଳନରେ ଜୁନ୍ ପର୍ଯ୍ୟନ୍ତ ବ୍ୟୟକୁ ବିଚାରକୁ ନିଆଯାଇଥିଲାବେଳେ ଆମେରିକା ପାଇଁ ଏହା ଏପ୍ରିଲର ୧.୯ ଟ୍ରିଲିୟନ ଡଲାର(୧ ଟ୍ରିଲିୟନ =୧୦୦୦ ବିଲିୟନ, ୧ ବିଲିୟନ=୧୦୦ କୋଟି, ୧ ଡଲାର= ୭୩ ଟଙ୍କା ପାଖାପାଖି) ପ୍ୟାକେଜ ଅନ୍ତର୍ଭୁକ୍ତ ହୋଇଛି । ଅନ୍ୟ ଦେଶର ସମସ୍ତ ଆକଳନ ଫେବୃୟାରୀ ୨୦୨୧ ପର୍ଯ୍ୟନ୍ତ ବ୍ୟୟକୁ ବିଚାରକୁ ନିଆଯାଇଛି। ବହୁ ସମୟରେ ଆମ ସରକାର ଆମେରିକା ଉଦାହରଣ ଦିଅନ୍ତି। କିନ୍ତୁ ଆମେରିକାର କେବଳ ଅର୍ଥ ବ୍ୟୟ ଆମ ଜିଡିପିଠାରୁ ବହୁ ଅଧିକ। ଡିସେମ୍ବର ୨୦୨୦ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳର ଶେଷ ବର୍ଷରେ ୨.୫ ଟ୍ରିଲିୟନ ଡଲାରରୁ ଅଧିକ ସହାୟତା ପ୍ରଦାନ ପରେ ପୁଣି ଡିସେମ୍ବର ୨୦୨୦ରେ ୯୦୦ବିଲିୟନ ଡଲାର ସହାୟତା ପ୍ରଦାନ ପାଇଁ ରିଲିଫ ବିଲ୍ ପାରିତ ହୋଇଥିଲା। ବାଇଡେନଙ୍କ ରିଲିଫ ପ୍ୟାକେଜ ୧.୯ ଟ୍ରିଲିୟନ ଡଲାର ଏଥିରେ ଯୋଗ କରାଗଲେ ଆମେରିକାର ମୋଟ ଅର୍ଥ ବ୍ୟୟ ଜିଡିପିର ୨୭%ରୁ ଅଧିକ। ୨୦୦୮ ଆର୍ଥିକ ସଙ୍କଟ ସମୟର ପ୍ୟାକେଜଠାରୁ ଏହା ପ୍ରାୟ ଚାରି ଗୁଣ।

ବିଶ୍ୱ ବ୍ୟାଙ୍କ (ଜୁଲାଇ ୨୦୧୮) ଅନୁଯାୟୀ, ପ୍ରଗତି ପ୍ରକ୍ରିୟାରେ ସାମାଜିକ ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିରେ ଲୋକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଥାଏ, ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରାଯାଇଥାଏ, ଯାହାଦ୍ୱାରା ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟର ବିକାଶ ହୋଇଥାଏ। ସମାଜର ସଫଳତା ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସହିତ ଜଡ଼ିତ। ଆମ ସରକାର ଏହି ନୀତି ପୂରଣ କରୁଛନ୍ତି କି?

ମୋ: ୯୪୩୭୨୦୮୭୬୨
skmohapatra67@gmail.com

## ଏଇ ଭାରତରେ

ବୟସ ୧୭, କିନ୍ତୁ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇ ମଦ ଦୋକାନ ବନ୍ଦ କରୁଛନ୍ତି ମଧ୍ୟପ୍ରଦେଶର ସୁରଜିତ ଲୋଧି। ସ୍ଥାନୀୟ ଲୋକଙ୍କ ଧମକକୁ ଖାତିର ନ କରି ସେ ଏହି ସାହସିକ କାର୍ଯ୍ୟ କରିଛନ୍ତି। ଲୋଧି କଲେଜର ପ୍ରଥମ ବର୍ଷ ଛାତ୍ର। ନିଜ ଗାଁ ବ୍ୟତୀତ ସେ ବିଦିଶା ଜିଲାରେ ବହୁ ମଦ ଦୋକାନ ବନ୍ଦ କରିସାରିଲେଣି। ସେ ମଧ୍ୟ ଶିଶୁ ଶ୍ରମିକ ବିରୋଧୀ ଅଭିଯାନ ଚଳାଇଛନ୍ତି। ପଢ଼ା ଛାଡ଼ି ଦେଉଥିବା ପିଲାମାନଙ୍କୁ ପୁଣି ସ୍କୁଲରେ ନାମ ଲେଖାଉଛନ୍ତି। କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍ସ ଫାଉଣ୍ଡେଶନ ଦ୍ୱାରା ଆରମ୍ଭ କରାଯାଇଥିବା 'ବାଲ୍ ମିତ୍ର ଗ୍ରାମ' ପ୍ରୋଗ୍ରାମରେ ଯୋଗ ଦେଇ ମାତ୍ର ୧୩ ବର୍ଷ ବୟସରେ ଲୋଧି ମଦ ଓ ଶିଶୁ ଶ୍ରମିକ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ତାଙ୍କ ପରିବାରରେ ୧୦ ଜଣ ସଦସ୍ୟ ଥିଲେ। ଲୋଧିଙ୍କ ପିତା ଦିନମଜୁରିଆ ଥିଲେ ଏବଂ ଅତ୍ୟଧିକ ମଦ ପିଉଥିଲେ। ଏଣୁ ସେ ବହୁ କଷ୍ଟରେ ପଢ଼ା ଜାରି ରଖିବା ସହ ମଦ ବିରୋଧୀ ଆନ୍ଦୋଳନ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ସ୍ୱାସ୍ଥ୍ୟ,ପରିବାର, ଜୀବନଶୈଳୀରେ ମଦର ପ୍ରଭାବ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରି ଅଭିଯାନରେ ସାମିଲ କରୁଛନ୍ତି। ଏବେ ତାଙ୍କ ଟିମ୍‌ରେ ୯୦ ଜଣ ପିଲା ଯୋଡି ହୋଇ କାର୍ଯ୍ୟ କରୁଛନ୍ତି। ମଦ ଦୋକାନ ବନ୍ଦ ହେବା ପରେ ଦୋକାନୀମାନେ ଜୀବିକା ହରାଇବାରୁ ସେମାନଙ୍କୁ ସରକାରୀ ଅଧିକାରୀମାନଙ୍କ ସହାୟତାରେ କାମ ଯୋଗାଇ ଦେବାର ବ୍ୟବସ୍ଥା ବି କରୁଛନ୍ତି ଲୋଧି।ପିଲା ଯୋଡି ହୋଇ କାର୍ଯ୍ୟ କରୁଛନ୍ତି। ମଦ ଦେକାନ ବନ୍ଦ ହେବା ପରେ ଦୋକାନିମାନେ ଜୀବିକା ହରାଇବା ପରେ ସେମାନଙ୍କୁ ସରକାରୀ ଅଧିକାରୀମାନଙ୍କ ସହାୟତାରେ କାମ ଯୋଗାଇ ଦେବାର ବ୍ୟବସ୍ଥା ବି କରୁଛନ୍ତି ଲୋଧି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୯୬

- ରୁଷ ଗ୍ରାଣ୍ଡମାଷ୍ଟର ତଥା ବିଶ୍ୱ ଚାମ୍ପିୟନ ଆନାତୋଲି କାର୍ପୋଭ ବିଶ୍ୱ ଚେସ୍ ଫେଡେରେସନ (ଫିଡେ) ଚାମ୍ପିୟନଶିପ୍‌ରେ ୧୦.୫ ପଏଣ୍ଟ ସଂଗ୍ରହ କରି ଟାଇଟଲ୍ ହାସଲ କରିଛନ୍ତି।
- ଓଡ଼ିଶାରେ ଶକ୍ତି କ୍ଷେତ୍ର ପୁନର୍ଗଠନ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ବିଶ୍ୱବ୍ୟାଙ୍କ ୩୫୦ ନିୟୁତ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଛି।
- ରାଜ୍ୟର ଡିଗ୍ରୀ ଇଞ୍ଜିନିୟରିଂ କଲେଜରେ ନାମଲେଖାଇବା ସକାଶେ ଛାତ୍ରୀମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ।

## su | do | ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 5 | 3 | | | | | | 4 | |
| | | | | | 4 | | | 7 |
| | 2 | | | | 7 | | 3 | 6 |
| | | | | | 2 | 4 | 9 | |
| 9 | 1 | | 7 | | | | | |
| 2 | | | | | | 6 | | 1 |
| | | 5 | | | | 7 | | |
| 3 | 4 | | | | 9 | 8 | | |
| | | | | 3 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 4 | 2 | 8 | 1 | 6 | 9 | 3 |
| 9 | 8 | 3 | 6 | 5 | 4 | 7 | 2 | 1 |
| 1 | 2 | 6 | 9 | 7 | 3 | 5 | 4 | 8 |
| 8 | 6 | 9 | 3 | 2 | 7 | 4 | 1 | 5 |
| 2 | 4 | 1 | 5 | 9 | 6 | 8 | 3 | 7 |
| 5 | 3 | 7 | 4 | 1 | 8 | 9 | 6 | 2 |
| 3 | 1 | 8 | 7 | 6 | 9 | 2 | 5 | 4 |
| 4 | 9 | 5 | 8 | 3 | 2 | 1 | 7 | 6 |
| 6 | 7 | 2 | 1 | 4 | 5 | 3 | 8 | 9 |

ଗତକାଲିର ଉତ୍ତର

# ଭୁଜତଳେ ରଖ ମହାବାହୁ



ଡା. ଅଂଶୁମାନ କର

ଚାହୁଁ ଚାହୁଁ ୨୦୨୧ ରଥଯାତ୍ରା ଆସିଗଲା। କିଏ ଭାବିଥିଲା ଗତବର୍ଷ ପରି ଚଳିତବର୍ଷ ବି 'ରଥାରୂଢ଼' ବାମନ ଶ୍ରୀଜଗନ୍ନାଥଙ୍କୁ ଭକ୍ତଶୂନ୍ୟ ବଡ଼ଦାଣ୍ଡରେ ନନ୍ଦିଘୋଷ ଗଡ଼େଇବାକୁ ହେବ! ଆଉ କିଏ ଜାଣୁ ଅବା ନ ଜାଣୁ କାଳିଆ–ବଳିଆ ତ ନିଶ୍ଚୟ ଜାଣିଥିବେ। ଶାସ୍ତ୍ର, ପୁରାଣ, ବିଦ୍ୱାନ୍ ସମସ୍ତଙ୍କ ମତରେ ସେ ହେଲେ ପରଂବ୍ରହ୍ମ। ପରଂବ୍ରହ୍ମ ପୁଣି ମାନବଲୀଳା କରିବାକୁ ଯାଇ ସ୍ନାନଯାତ୍ରାଠାରୁ ଆରମ୍ଭ କରି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସ୍ୱୟଂ ଲୀଳା ବିସ୍ତାର କରନ୍ତି। ଜାତିର ଅତି ଆପଣାର ହେବାକୁ ଯାଇ ପ୍ରଭୁ ନିଜକୁ 'ହଟିଆ ଠାକୁର ଆଉ କେତେ ନାଟ ଦେଖିବୁ' ଭଳି ଲାଞ୍ଛନା ମଧ୍ୟ ଗ୍ରହଣ କରିଛନ୍ତି। ଯେଉଁ ଜାତିରେ କଥା ଅଛି, ''ଉତ୍କଳେ ନେତାଙ୍କ ନାହିଁ ପ୍ରୟୋଜନ; ଉତ୍କଳର ନେତା ସ୍ୱୟଂ ନାରାୟଣ।'' ଆଜି ସେଇ ଓଡ଼ିଶା ଦୁଇ ବର୍ଷ ହେଲା ନିଜ ନେତାଙ୍କ ଦିବ୍ୟ ପତିତପାବନ ରୂପ ଦର୍ଶନ କରିପାରୁ ନାହିଁ। ଯେଉଁ ଯାତ୍ରାର ନାମ ପତିତପାବନ ଯାତ୍ରା, ତାହା ବିନା ଭକ୍ତରେ କିପରି ସାର୍ଥକ ହେବ? କ'ଣ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ଅଗ୍ରଭାଗରେ ପତିତ ଉଦ୍ଧାର ରହିଯିବ? କ'ଣ ପ୍ରଭୁ ସତରେ 'ହଟିଆ' ହୋଇ 'ନାଟିଆ' ସାଜି ଏହି ମହାମାରୀକୁ ବିନାଶ କରୁନାହାନ୍ତି? ଯେଉଁ ଶ୍ରୀକ୍ଷେତ୍ରରେ ଦିନେ ନୀଳମାଧବଙ୍କ ଉପସ୍ଥିତିରୁ ଯମଦଣ୍ଡ କାମ କରୁ ନ ଥିଲା, ଆଜି ସେ ଶ୍ରୀକ୍ଷେତ୍ରରେ ଯମ ମୃତ୍ୟୁର ଲୀଳା କରୁଛି। ବଡ଼ଦେଉଳର ଗର୍ଭଗୃହରେ ଥାଇ କାଳିଆ ସବୁ ଦେଖୁଛି, ବଳିଆ ସବୁ ଶୁଣୁଛି ନିଜ ସନ୍ତାନର କରୁଣ ଦୁଃଖ, ମା' ସୁଭଦ୍ରା ନିଶ୍ଚୟ ବୁଝୁଛି, ତେବେ ଡେରି କାହିଁକି? 'ଚକ୍ର ପେଶି ନକ୍ର ନାଶି' ଉଦ୍ଧାର କର ହେ ମହାବାହୁ।

ଅର୍ଜୁନକୁ ସେଦିନ କଥାରେ ବୁଝାଇ ପ୍ରଭୁ କହିଥିଲେ –'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ'। ସକଳ ପ୍ରାଣୀଙ୍କ ଶରୀରରେ ରହୁଥିବା ପ୍ରାଣ ପ୍ରଭୁ ସ୍ୱୟଂ। ଯେଉଁ ପ୍ରାଣ ପ୍ରଭୁ ନିଜେ, ସେଇ ପ୍ରାଣ ଆଜି କେତେ ଅସହାୟ। ପାଣିଫୋଟକା ପରି ଆଖି ପିଛୁଳାକେ କେତେ ଲୋକ ଚାଲିଗଲେଣି, କେତେ ଯିବେ, ଏସବୁ ପ୍ରାଣ କ'ଣ ପ୍ରଭୁଙ୍କ କୃପାରୁ ବଞ୍ଚିତ ଥିଲେ? ନା ତାଙ୍କ ସମୟ ସୀମିତ ଥିଲା। ସେଇ ପ୍ରଭୁ ଅର୍ଜୁନଙ୍କୁ ଆଗକୁ କହିଛନ୍ତି – 'ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ, କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ'। ଏହି ସଂସାରରେ ଦୁଇ ପ୍ରକାରର ପୁରୁଷ ଅଛନ୍ତି– ନାଶବାନ୍ (ଶରୀର) ଓ ଅବିନାଶୀ (ଜୀବାତ୍ମା)। ଶରୀରର ନାଶ ହୁଏ, ମାତ୍ର ଆତ୍ମାର ନାଶ ହୁଏନି। ଆତ୍ମାର ନାଶ ନ ହେବାର ଏକ କାରଣ ହେଲା ଈଶ୍ୱରଙ୍କ ଉପରେ ବିଶ୍ୱାସ। ଆଜି ଏହି ମହାମାରୀ କାଳରେ ଯେପରି ଭାବେ ହୃଦ ବିଦାରକ ମାନବ ବିନାଶର ଦୃଶ୍ୟ ଦେଖୁଛେ, ସେଥିରେ ଏହି ଈଶ୍ୱର ସତ୍ତା ଉପରେ ବିଶ୍ୱାସ ରଖିବାକୁ ହେଲେ ମଣିଷକୁ ନିଜର ମାନବ ଜୀବନର ଉଦ୍ଦେଶ୍ୟ ବୁଝିବାକୁ ପଡ଼ିବ।

'ବେଦୈଶ୍ଚ ସର୍ବୈଇହମେବ ବେଦ୍ୟୋ, ବେଦାନ୍ତକୃଦ୍ ବେଦବିଦେବ ଚାହମ୍।'ପରମେଶ୍ୱର ହିଁ ସର୍ବବେଦର ଏକମାତ୍ର ଜାଣିବାଯୋଗ୍ୟ ତତ୍ତ୍ୱ। ପ୍ରଭୁ ହିଁ 'ବେଦାନ୍ତକର୍ତ୍ତା' ଓ ସେ ହିଁ 'ବେଦଜ୍ଞ'। ସବୁ କାରଣର ଆରମ୍ଭ ଓ ଅନ୍ତ ଯଦି ପ୍ରଭୁ ନିଜେ, ତେଣୁ ଆମକୁ ବିଶ୍ୱାସ ରଖିବାକୁ ହେବ ଏହି ମହାମାରୀର ଆରମ୍ଭ ଓ ଅନ୍ତ ମଧ୍ୟ ସେ ହିଁ କରିବେ। ''ସର୍ବଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ଯାଃ,ତାସାଂ ବ୍ରହ୍ମ ମହଦ୍ ଯୋନିରହଂ ବୀଜପ୍ରଦଃ ପିତା।'' ନାନା ପ୍ରକାର ଯୋନିରେ ଯେତେସବୁ ଶରୀରଧାରୀ ପ୍ରାଣୀ ଅଛନ୍ତି, ପ୍ରକୃତି ହେଉଛି ତାଙ୍କର ଗର୍ଭଧାରିଣୀ ମା' ଓ ପ୍ରଭୁ ସ୍ୱୟଂ ହେଉଛନ୍ତି ବୀଜ ସ୍ଥାପନ କରୁଥିବା ପିତା। ପିତା କ'ଣ ନିଜ ପୁତ୍ରର ସଂହାର କରିପାରିବ? ପିତା ସଂରକ୍ଷଣର ଦ୍ୱିତୀୟ ସଂଜ୍ଞା। ମାତା ସ୍ନେହର ପ୍ରତିମୂର୍ତ୍ତି। ଶରୀରଧାରୀ ପ୍ରାଣୀ ତ କେବଳ ଆମେ ମଣିଷ ନୁହେଁ, ଆମ ଚାରିପାଖରେ ଥିବା ସମସ୍ତ ଜୀବ–ଜନ୍ତୁ, ବୃକ୍ଷ–ଲତା, କୀଟ–ପତଙ୍ଗ, ପଶୁ–ପକ୍ଷୀ ସମସ୍ତଙ୍କ ମାତା ପିତା ସେଇ ପରଂବ୍ରହ୍ମ। ଗୋଟିଏ ସନ୍ତାନର ଉଦଣ୍ଡ କାର୍ଯ୍ୟ ଦ୍ୱାରା ଅନ୍ୟ ଜୀବଙ୍କ ଉପରେ ହେଉଥିବା ଶୋଷଣର ଅନ୍ତ କରିବାର ଲୀଳା କ'ଣ ନୁହେଁ ଏହି ମହାମାରୀ? ଟିକେ ଭାବି ଦେଖନ୍ତୁ। ଘରେ ବନ୍ଦ ରହି ଆମେ ଆଜି ଅଣନିଃଶ୍ୱାସି ହେଉଛେ, ମାତ୍ର ପ୍ରକୃତି ଆଜି ହସୁଛି। ବନସ୍ପତି ଆଜି ପୁଲକିତ ହୋଇଛି। ବାୟୁ ନିର୍ମଳ, ଜଳ ସ୍ୱଚ୍ଛ ହୋଇଛି। ୨୦୧୫ର ନବକଳେବର ପରେ ଆସିଥିବା ପରମପିତା ପ୍ରଭୁ ଆମକୁ ଅବାଟରୁ ବାଟକୁ ନେବାକୁ ଆସିଛନ୍ତି। ମତ୍ତ–ଗଜ ନିଜର ଅହଂକାରକୁ ତ୍ୟାଗ କରି ଯେବେ ଡାକ ଦେଇଛି ପ୍ରଭୁ ଆସିଛନ୍ତି, ଅଭିମାନିନୀ ଦ୍ରୌପଦୀ ଅଭିମାନ ତ୍ୟାଗ କରି ଦୁଇ ବାହୁ ଟେକି ଦେଲା ପରେ ପ୍ରଭୁ ତା'ର ଲଜ୍ଜା ରକ୍ଷା କରିଛନ୍ତି। ବଲ୍ଲଭ ଦାସଙ୍କ ଭାଷାରେ କହିବାକୁ ଗଲେ–ତୁରନ୍ତ ହେ ଆତ୍ମନ୍! ତୁ ନିଜ ଭୁଲକୁ ଚିହ୍ନ, ହରି ଭଜନରେ ମନକୁ ସ୍ଥିର କର। ତେବେ ଯାଇ ତୋର ଉଦ୍ଧାର ହେବ।

''ଦେବ ଦେବ ଜଗନ୍ନାଥ ସଂସାରାର୍ଣ୍ଣବତାରକ, ଭକ୍ତାନୁଗ୍ରାହକସଦା ରକ୍ଷ ମାଂ ପାଦୟୋର୍ନତମ୍।''ଏହି ସ୍ତୁତି ଆମ ଜାତିକୁ ଅନେକ ବାର ଉଦ୍ଧାର କରିଛି। କାଞ୍ଚି ଅଭିଯାନ ହେଉ ବା ଯବନ ଆକ୍ରମଣ, ସବୁଥିରେ ତାଙ୍କରି ଇଚ୍ଛା ହିଁ ପ୍ରକାଶିତ। କଳିଯୁଗରେ 'ହରି ନାମ ହିଁ କେବଳମ୍' ତାରଣ କରିପାରିବ। ଦୁଇ ହାତ ଟେକି ରାଜା ହେଉ ଅବା ରଙ୍କ ହେଉ, ସେଦିନର ଗଜପତି ବୀରକେଶରୀ ଦେବଙ୍କ ଭାଷାରେ ଡାକ–''ଭୁଜ ତଳେ ମୋତେ ରଖ ମହାବାହୁ! ବାହୁ ତଳେ ମୋତେ ରଖ...।

ଏନ୍– ୧/୧୮୩, ନୂଆପଲ୍ଲୀ
ମୋ–୯୭୭୮୦୩୦୪୯୪

# ପ୍ରାଣାୟାମରେ ବିଜ୍ଞାନ



ଡ. ନରେନ୍ଦ୍ର ସେଠୀ

ଆଧୁନିକ ବିଜ୍ଞାନ ଯୁଗରେ କୌଣସି ଘଟଣାକୁ ବିନା ପରୀକ୍ଷା ନିରୀକ୍ଷା କିମ୍ବା କଠିନ ତର୍ଜମାର ନିକିତିରେ ତଉଲିବା ପରେ ଯାଇ ଗ୍ରହଣ କରାଯାଇଥାଏ। ମାନବ ଜୀବନ ବଞ୍ଚିବାର ଏକ ପ୍ରାଚୀନ ଶୈଳୀ କୁହାଯାଉଥିବା ଯୋଗ ଓ ପ୍ରାଣାୟାମକୁ ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରାଧାନ୍ୟ ଦିଆଯାଇଛି । ବିଶ୍ୱରେ ୨୦୦ କୋଟିରୁ ଅଧିକ ଲୋକ ଏହାକୁ ଦୈନନ୍ଦିନ ଜୀବନରେ ଅଭ୍ୟାସ କରୁଛନ୍ତି। ନିଃଶ୍ୱାସ ପ୍ରଶ୍ୱାସ ନେବା ଭଳି ଏକ ସହଜ ପ୍ରକ୍ରିୟା କିପରି ଆମର ମନ, ହୃଦୟ ଓ ଶରୀରକୁ ସୁସ୍ଥ ଓ ନିରାମୟ ରଖେ ତାହା ଯୋଗ ଶାସ୍ତ୍ରରେ ବର୍ଣ୍ଣିତ ଅଛି । ନିଃଶ୍ୱାସ ପ୍ରଶ୍ୱାସ ଉପରେ ନିୟନ୍ତ୍ରଣ ରଖିବା ପତଞ୍ଜଳି ଅଷ୍ଟାଙ୍ଗ ଯୋଗର ଏକ ଅଭିନ୍ନ ଅଙ୍ଗ ମଧ୍ୟ । ତେବେ ଭାରତର ଏଭଳି ପ୍ରାଚୀନ ପରମ୍ପରା ବିଷୟରେ ଆଧୁନିକ ବିଜ୍ଞାନର ମତ ଓ ଗବେଷଣାତ୍ମକ ନିଷ୍କର୍ଷ କ'ଣ ଆସନ୍ତୁ ତର୍ଜମା କରି ଦେଖିବା ।

ଆୟାଙ୍ଗାର ଯୋଗ ଶିକ୍ଷକ ଓ ଶରୀର କ୍ରିୟା ବିଜ୍ଞାନୀ ରଜର କୋଲେଙ୍କ ମତ ଅନୁସାରେ 'ପ୍ରାଣାୟାମ ଖାଲି ନିଃଶ୍ୱାସ ପ୍ରଶ୍ୱାସ ନେବାର ଅଭ୍ୟାସ ନୁହେଁ ବରଂ ଏକ ଗାଡ଼ି ସଦୃଶ, ଯାହା ମନ ଓ ଶରୀରକୁ ସୁସ୍ଥ ଓ ଚଳନକ୍ଷମ ରଖିଥାଏ'। ହର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ପ୍ରାଣାୟାମ ତଥା ଯୋଗ ବିଜ୍ଞାନୀ ବୀର ସିଂହ ଖାଲ୍‌ସାଙ୍କ ମତରେ, ନିଃଶ୍ୱାସ ପ୍ରଶ୍ୱାସ ନେବାର ଗତି ସହ ଆମ ମନର ଅବସ୍ଥା ଓ ସ୍ୱୟଂଚାଳିତ ତନ୍ତ୍ରିକା ପ୍ରଣାଳୀ ସହିତ ଏକ ପ୍ରତ୍ୟକ୍ଷ ସମ୍ପର୍କ ଅଛି । ସାଧାରଣତଃ ଆମେ ରାଗିଲେ ଆମର ନିଃଶ୍ୱାସ ନେବାର ଗତି ବଢ଼ିଯାଏ ଓ ଶାନ୍ତ ଥିଲେ ନିଃଶ୍ୱାସର ଗତି ସ୍ଥିର ଥାଏ । ତେଣୁକରି ନିଃଶ୍ୱାସର ବେଗ ଉପରେ ନିୟନ୍ତ୍ରଣ ରଖି ଆମେ ମନର ଅବସ୍ଥା ଉପରେ ନିୟନ୍ତ୍ରଣ କରିପାରିବା। କଗ୍‌ନିଶନ ଆଣ୍ଡ ଇମୋଶନ ଜର୍ନାଲର ସଦ୍ୟ ପ୍ରକାଶିତ ଏକ ଗବେଷଣାତ୍ମକ ପ୍ରବନ୍ଧ ଅନୁଯାୟୀ ନିଃଶ୍ୱାସ ଉପରେ ନିୟନ୍ତ୍ରଣ କରି ଭୟ, ଆନନ୍ଦ ଓ ନିରାଶ ଭାବ ଉପରେ ଚାଳିଶ ପ୍ରତିଶତ ପରିବର୍ତ୍ତନ ମିଳିଛି । ଇଟାଲୀର ପ୍ରସିଦ୍ଧ ପାଭିଆ ବିଶ୍ୱବିଦ୍ୟାଳୟର ହୃଦ୍‌ରୋଗ ବିଶେଷଜ୍ଞଙ୍କ ଏକ ଅଧ୍ୟୟନରେ ଦିନକୁ ଏକ ଘଣ୍ଟା ଧୀର ନିଃଶ୍ୱାସ ନେବା ପାଇଁ ଅଭ୍ୟାସ କରୁଥିବା ପର୍ବତାରୋହୀ ଦଳର ସଦସ୍ୟମାନଙ୍କ ମଧ୍ୟରେ ପାଇଲେ ଯେ, ଯେଉଁମାନେ ଏହି ଅଭ୍ୟାସ କରୁଥିଲେ ସେମାନେ ଏଭରେଷ୍ଟ ଚଢ଼ିବା ପାଇଁ ଅମ୍ଳଜାନ ଦରକାର କରୁନଥିଲେ । ହର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ ଅନୁଯାୟୀ ପ୍ରାଣାୟାମ ଗୁଣସୂତ୍ର ଉପରେ ପ୍ରଭାବ ପକାଇ ଅନେକ ପ୍ରକାର ଦୁରାରୋଗରୁ ରକ୍ଷା କରେ । ତେବେ ୨୫ ବର୍ଷ ତଳେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସ୍ନାୟୁ ବିଜ୍ଞାନୀ ଜ୍ୟାକ ଫେଲ୍‌ଡମ୍ୟାନ ପ୍ରାଣାୟାମ ଉପରେ ଗବେଷଣା କରି ଏକ ରୋଚକ ତଥ୍ୟ ଆବିଷ୍କାର କରିଥିଲେ । ସେ ମସ୍ତିଷ୍କ ଭିତରେ କିଛି ସ୍ନାୟୁପୁଞ୍ଜକୁ ଆବିଷ୍କାର କଲେ, ଯାହା ମଣିଷର ନିଃଶ୍ୱାସ ପ୍ରଶ୍ୱାସକୁ ନିୟନ୍ତ୍ରିତ କରେ । ଏହି ସ୍ନାୟୁପୁଞ୍ଜକୁ ସେ ବ୍ରିଥିଙ୍ଗ ପେସ୍ ମେକର ନାମ ଦେଲେ । ପରେ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ଅନେକ ଗବେଷଣା ଫଳରେ ୬୫ ପ୍ରକାର ସ୍ନାୟୁ ଥିବାର ଜଣାପଡ଼ିଲା, ଯାହା ମଣିଷର ଶ୍ୱାସ ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ ଅଛନ୍ତି । ଆମେ ଯେଉଁ ପ୍ରାଣାୟାମ ଅଭ୍ୟାସ କରୁ ତାହା ଦ୍ୱାରା ଆମେ ଆମର ନିଃଶ୍ୱାସ ପ୍ରକ୍ରିୟାକୁ ନିୟନ୍ତ୍ରିତ କରିଥାଉ । ଫଳରେ ଏହା ମସ୍ତିଷ୍କରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଶରୀରର ସ୍ନାୟୁ ତନ୍ତ୍ରକୁ ଉଜ୍ଜୀବିତ କରିଥାଏ, ଯାହା ହୃଦ୍‌ସ୍ପନ୍ଦନର ବେଗକୁ କମେଇ ଆମକୁ ଶାନ୍ତି ପ୍ରଦାନ କରେ ।

ପ୍ରାଣାୟାମ କଲା ବେଳେ ଏସିଟାଇଲିକୋଲାଇନ ନାମକ ଏକ ସ୍ନାୟୁ ସଞ୍ଚାରକ ରସାୟନର କ୍ଷରଣ ହୁଏ, ଯାହା ମନ ଓ ଶରୀରକୁ ଶାନ୍ତ ରହିବାରେ ସାହାଯ୍ୟ କରିଥାଏ। ପ୍ରାଣାୟାମର ଅନେକ ଲାଭ ମଧ୍ୟରୁ ଆଉ ଏକ କଥା ହେଲା ଏହା ଶରୀର ଭିତରେ ବୟସ ବଢ଼ିବା ସାଙ୍ଗକୁ ଗ୍ରେ ସେଲକୁ ସଙ୍କୁଚିତ ହେବାକୁ ଦିଏନି, ଫଳରେ ବୟସ ବଢ଼ିଲେ ମଧ୍ୟ ଜଣେ ପୂର୍ଣ୍ଣ ସକ୍ଷମତାର ସହ ପୂର୍ବପରି ସ୍ୱାସ୍ଥ୍ୟବାନ ରହେ। ପ୍ରାଣାୟାମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବା ସଙ୍ଗେ ସଙ୍ଗେ ଜୈବିକ ପ୍ରକ୍ରିୟାକୁ କାର୍ଯ୍ୟକ୍ଷମ ରଖେ । ପ୍ରାଣାୟାମ ଦ୍ୱାରା କୋଷ ଭିତରେ ଥିବା ଗୁଣସୂତ୍ରର ମଧ୍ୟ ଆୟୁ ବଢ଼ିଯାଏ, ଯାହା ପରୋକ୍ଷ ଭାବରେ ମଣିଷକୁ ଦୀର୍ଘଜୀବୀ କରିବାରେ ସାହାଯ୍ୟ କରିଥାଏ। ପ୍ରାଣାୟାମ କରିବା ଦ୍ୱାରା ସ୍ନାୟୁତନ୍ତ୍ର ହୃତ୍‌ପିଣ୍ଡର ବେଗ ଉପରେ ସିଧାସଳଖ ନିୟନ୍ତ୍ରଣ କରି ଶରୀରକୁ ଶାନ୍ତି ଓ ବିଷାଦମୁକ୍ତ ରଖେ। ଏହା ଫଳରେ ସୁନିଦ୍ରା, ଚିନ୍ତା ଶକ୍ତିରେ ବୃଦ୍ଧି ଓ ବିଷାଦମୁକ୍ତ ହେତୁ ରକ୍ତଚାପ ଏବଂ ରକ୍ତରେ ଶର୍କରା ନିୟନ୍ତ୍ରିତ ରହେ। ଚଣ୍ଡିଗଡ଼ସ୍ଥିତ ଜବାହରଲାଲ ନେହେରୁ ଭେଷଜ ସଂସ୍ଥାନର ଏକ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରାଣାୟାମ କରିବା ଦ୍ୱାରା ସଂଜ୍ଞାନାତ୍ମକ କାର୍ଯ୍ୟ କ୍ଷମତାରେ ବୃଦ୍ଧି ଓ ବିଷାଦଭାବ ହ୍ରାସ କରିବାରେ ଅତ୍ୟନ୍ତ ଫଳପ୍ରଦ ବୋଲି ଜଣାପଡ଼ିଛି । ତେବେ ଏହା ବିଜ୍ଞାନ ଦ୍ୱାରା ପ୍ରମାଣିତ ଓ ବିଜ୍ଞାନସମ୍ମତ ଯେ ପ୍ରାଣାୟାମ ଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସକୁ ନିୟନ୍ତ୍ରଣ କରିପାରିଲେ ଆମେ ନିଶ୍ଚିତ ଲାଭାନ୍ୱିତ ହେବା ।

ମୋ: ୭୦୦୪୦୬୮୧୧୦

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟବିତ୍ତଙ୍କୁ ଭୁଲିଗଲେ

ମହାଶୟ,

୨୦୧୪ ମସିହାରେ କେନ୍ଦ୍ରରେ ଭାଜପା ସରକାର ଗଠିତ ଓ ସ୍ଥାନିତ ହେଲା। ସେହି ଦିନଠାରୁ ସରକାରଙ୍କର ଅଦ୍ଭୁତ ବିଚାର ଲାଗି ରହିଛି। ଖାଦ୍ୟ ସୁରକ୍ଷା କାର୍ଡ ଥିବା ଲୋକଙ୍କୁ ଏକଟଙ୍କିଆ ଚାଉଳ ଓ ଗହମ ଯୋଗା ହେଉଥିବା ବେଳେ ସରକାର ସମ୍ପୂର୍ଣ୍ଣଭାବେ ମଧ୍ୟବିତ୍ତଙ୍କୁ ଭୁଲିଗଲେ। ଗହମ, ଚାଉଳ ଗଣ୍ଡେ କିଣି ଖାଇବାକୁ ଲୋକମାନେ ପାଉନାହାନ୍ତି। କୌଣସି ଏକ ନିର୍ଦ୍ଧାରିତ ଦରରେ ଚାଉଳ ଓ ଗହମ ଯୋଗାଇଥିଲେ ମଧ୍ୟବିତ୍ତମାନେ ଉପକୃତ ହୋଇଥାଆନ୍ତେ। କରୋନା ମହାମାରୀ ସମୟରେ ଚାରି ମାସ ଓ ଛଅ ମାସ ଲୋକମାନଙ୍କୁ ମାଗଣା ଗହମ, ଚାଉଳ ଯୋଗାଉ ଥିବାବେଳେ ମଧ୍ୟବିତ୍ତମାନେ କ'ଣ ଏହା ପାଇବାକୁ ଯୋଗ୍ୟ ନୁହନ୍ତି। ତାଙ୍କୁ କ'ଣ କରୋନା ବାଧକ ହେଉନି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ଏ ବୈମାତୃକଭାବ କାହିଁକି? ଏମାନେ କ'ଣ ଦେଶର ନାଗରିକ ନୁହନ୍ତି? ଏମାନେ ବିନା ଖାଦ୍ୟରେ ବଞ୍ଚିବେ? ଏଥିପ୍ରତି ସରକାର ଧ୍ୟାନ ଦିଅନ୍ତୁ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### କାଳିଆ ଯୋଜନାରୁ ବଞ୍ଚିତ କାହିଁକି

କାଳିଆ ଯୋଜନା ହେବାବେଳେ ମୋର ଠିକଣା ରାମଚନ୍ଦ୍ର ଦାଶ, ପି–ଦଇତାରି ଦାଶ(ଅଜା) ହେବାରୁ ତାହା ସେବାକେନ୍ଦ୍ରରେ ସଂଶୋଧନ କରି ଟୋକନ ସଂଖ୍ୟା ୪୯୮୯୩୫୮୨୦ ପାଇଲି। ମାତ୍ର କାଳିଆ ସହାୟତା ନ ଆସିବାରୁ ସରପଞ୍ଚ, ବିଡିଓଙ୍କ ସମେତ ସମସ୍ତଙ୍କୁ ଜଣାଇଲି। ମୁଖ୍ୟ ସଚିବଙ୍କ ସୁପାରିସ ଦରଖାସ୍ତ କୃଷି ଉତ୍ପାଦନ ବିଭାଗ, ଓଡ଼ିଶାଙ୍କ ନିକଟରେ ପହଞ୍ଚି ମଧ୍ୟ ବର୍ତ୍ତମାନ ସୁଦ୍ଧା ଗୋଟିଏ କିସ୍ତି କାଳିଆ କିମ୍ବା ପ୍ରଧାନମନ୍ତ୍ରୀଙ୍କ ସହାୟତା ମିଳିନାହିଁ। ଆକାଉଣ୍ଟ ନମ୍ବରରେ ଭୁଲ୍ ସଂଖ୍ୟା, ଆଧାରକାର୍ଡ ସଂଖ୍ୟା କିପରି ଭୁଲ ହେଲା ଜାଣି ହେଉନାହିଁ।

–ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରଣ ଯାତନା ଜରା ବିୟୋଗ ବିଚ୍ଛେଦ ବ୍ୟଥା ବ୍ୟାଧି
ଜୀବନ–ମିଳନ ସୁଖ ସ୍ନେହ ପ୍ରେମ ଯେ ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ।
–(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**କୁମାରୀ ଜଙ୍ଗଲରେ ଚାରାରୋପଣ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହରଭଙ୍ଗା ଗ୍ରାମର କୁମାରୀ ଜଙ୍ଗଲରେ ଯୁବଗୋଷ୍ଠୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ହଜାର ଅର୍ଜୁନ, ଆମ୍ବ, ଜାମୁକୋଳି, କାଜୁ ଚାରାରୋପଣ କରାଯାଇଥିଲା । ବିଭୂତି ଭୂଷଣ ସେନାପତି, ସୁଶୀଲ ବିଶ୍ୱାଳ, ତରଣୀ ବିଶ୍ୱାଳ, ଜ୍ୟୋତିର୍ମୟ ମିଶ୍ର, ଅଜୟ ସିଂ, ରାକେଶ ସାହୁ, ଅନୁଭବ ସାହୁ, ଦୀପକ ସେଠ, ଦୀପକ ଦାଶ, ସତ୍ୟ ଠାକୁର, ଦୁଃଖନାଶନ ସାହୁ, ସୁଭଦ୍ରା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହାପୂର୍ବରୁ କୋସଲ ସେନା ପକ୍ଷରୁ ଗ୍ରାମ ଖେଳପଡିଆରେ ଚାରା ରୋପଣ କରାଯାଇଥିଲା ।

## ସଂକ୍ଷେପରେ

### ମ୍ୟାଲେରିଆରେ ଛଟପଟ ପଞ୍ଚାୟତବାସୀ

ତଳଗାଁ,୧୧।୭(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଦିବାସୀ ଅଧୁଷିତ ତଳଗାଁ ପଞ୍ଚାୟତରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢି ଚାଲିଛି । ସ୍ୱାସ୍ଥ୍ୟ ବିଭାଗ ଯଥାଶୀଘ୍ର ଏହାର ନିରାକରଣ ପାଇଁ ବିହିତ ପଦକ୍ଷେପ ନ ନେଲେ ମ୍ୟାଲେରିଆଜନିତ ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ । ବଣପାହାଡ ଘେରା ତଳଗାଁ ପଞ୍ଚାୟତ ୪୨ ଗୋଟି ଗାଁକୁ ନେଇ ଗଠିତ । କିନ୍ତୁ ଆଜି ବି ପଞ୍ଚାୟତର ଲୋକଙ୍କୁ ବିଶୁଦ୍ଧ ପାଣି ମୁନ୍ଦେ ମିଳିବା କଷ୍ଟକର ବ୍ୟାପାର ହୋଇଛି । ଗାଁଗୁଡିକରେ ସପ୍ଲାଇ ପାଣି ମଧ ଯୋଗାଇ ଦିଆଯାଇ ପାରିନାହିଁ । ଫଳରେ ପଞ୍ଚାୟତବାସୀ ବାଧ ହୋଇ ନାଳ, ଝରଣା, ପୋଖରୀର ଦୂଷିତ ପାଣି ପିଇ ବହୁ ସମୟରେ ମ୍ୟାଲେରିଆରେ ପୀଡିତ ହେବା ଦେଖିବାକୁ ମିଳୁଛି । ଏପରି କି ଅନେକ ମ୍ୟାଲେରିଆ ରୋଗୀ ଠିକ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଗତ ୧୫ ଦିନ ମଧରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ମ୍ୟାଲେରିଆ ଦମନ ପାଇଁ ଗାଁ ଗାଁ ବୁଲି ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରିଥିବା ବେଳେ ନମୁନା ପରୀକ୍ଷା ହୋଇଥିଲା । ସେଥିମଧରୁ ଲୁଣ୍ଡୁରୀଜୋରୀ ଗ୍ରାମରୁ ୫ ଜଣ, ସାନଖଜୁରୀ ବଡଖଜୁରୀରୁ ୨୬, ବାନ୍ଦିଗାଡୁରୁ ୫ , ଗୁଣ୍ଡୁରିସାହିରୁ ୪୨, କଣ୍ଟିସରରୁ ୫ ଓ ଡମକୋଚରୁ ୨ ଜଣ ବ୍ୟକ୍ତିଙ୍କ ମ୍ୟାଲେରିଆ ପଜିଟିଭ ବାହାରିଥିବା ଜଣାପଡିଛି । ପଞ୍ଚାୟତର ଗ୍ରାମଗୁଡିକ ବଣପାହାଡ ଘେରା ହୋଇଥିବା ଯୋଗୁ ଅନ୍ୟ ଗ୍ରାମଗୁଡିକରେ ଲୋକଙ୍କ ରକ୍ତ ପରୀକ୍ଷା କରାଗଲେ ଏହାର ସଂଖ୍ୟା ଆହୁରି ବଢିପାରେ। ଗୋଟିଏ ପଟେ ବୌଦ୍ଧ ଜିଲାକୁ ମ୍ୟାଲେରିଆ ମୁକ୍ତ ବୋଲି କୁହାଯାଉଥିବା ବେଳେ ତଳଗାଁ ପଞ୍ଚାୟତବାସୀ ଏହି ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି । ପଞ୍ଚାୟତର ଅଧିକାଂଶ ଲୋକ ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥାଭାବରୁ ଠିକ ଭାବେ ଚିକିତ୍ସିତ ହୋଇ ପାରୁନାହାନ୍ତି ।

### ଜଳ ଯୋଗାଣରେ ଅନିୟମିତତା ଅଭିଯୋଗ

ଲୋଇସିଂହା,୧୧।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସୁଜିଆ ଗ୍ରାମରେ ପାଇପ ଜଳଯୋଗାଣରେ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି । ଲୋଇସିଂହା ପଞ୍ଚାୟତ ଅନ୍ତର୍ଗତ ସୁଜିଆ ଓ ବନ୍ଧଲିପଡାକୁ ପାଇପ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଛି । ବସୁଧା ଯୋଜନାରେ ସୁଜିଆ ଗ୍ରାମ ଖେଳ ପଡିଆରେ ଦେଢଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ବସାଇ ଉଭୟ ଗ୍ରାମକୁ ଜଳଯୋଗାଣ ବ୍ୟବସ୍ଥା କରାଯାଉଛି। ସୁଜିଆ ଗ୍ରାମରେ ପ୍ରାୟ ଦୁଇଶହ ପରିବାର ବାସ କରୁଛନ୍ତି । ହେଲେ ପ୍ରକଳ୍ପ ଆରମ୍ଭରୁ ସୁଜିଆକୁ କମ୍ ସମୟ ପାଇଁ ଜଳ ଯୋଗାଣ ହେଉଥିବା ବେଳେ ବନ୍ଧଲିପଡାକୁ ଅଧିକ ସମୟ ପାଣି ଯୋଗାଣ ହେଉଥିବା ସୁଜିଆର ରମେଶ ସାହୁ, ସୁଦୀପ୍ତ ଧରୁଆ ପ୍ରମୁଖ ଅଭିଯୋଗ କରିଛନ୍ତି । ଅଳ୍ପ ସମୟ ପାଣି ଦିଆଯାଉଥିବାରୁ ଲୋକେ ଠିକ୍ ଭାବେ ପାଣି ସଂଗ୍ରହ କରି ପାରୁନାହାନ୍ତି । ଜଳ ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଗ୍ରାମବାସୀ ଜଣାଇଲେ ସୁଦ୍ଧା ସେ କର୍ଣ୍ଣପାତ କରୁନାହାନ୍ତି । ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଦୁଇମାସ ପୂରିଲାନି, କଲଭର୍ଟ ଦବିଲା

ଲୋଇସିଂହା,୧୧।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢାପଦର ପଞ୍ଚାୟତ ଅନ୍ତର୍ଗତ ରୁଗୁଡିଖାଲ-ନେଗିପାଲି ରାସ୍ତାରେ ନିର୍ମିତ କଲଭର୍ଟ କାମ ନିମ୍ନମାନର ହୋଇଛି । ଫଳରେ ନିର୍ମାଣର ଦୁଇ ମାସ ନ ପୁରୁଣୁ କଲଭର୍ଟ ଫାଟି ଦବି ଯାଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କଲର୍ଭଟର ଶୋଚନୀୟ ଅବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ସୂଚନା ମୁତାବକ, ଗତ ମେ ମାସରେ ନେଗିପାଲି-ରୁଗୁଡିଖାଲ ରାସ୍ତାର କେନ୍ଦୁପତ୍ର ଫଡି ଘର ନିକଟରେ କଲର୍ଭଟ ନିର୍ମାଣ କରାଯାଇଛି । ହେଲେ ଏଯାଏ ଏଠାରେ କୌଣସି ସୂଚନା ଫଳକ ଲଗାଯାଇନାହିଁ । ନିର୍ମାଣ ନିମ୍ନମାନର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଗତ ୮ ତାରିଖ ସକାଳେ କଲର୍ଭଟ ଦବିବା ସହ ଫାଟି ଯାଇଥିବା ଦେଖିବାକୁ ମିଳିଥିବା କହିଛନ୍ତି ଗ୍ରାମବାସୀ । କଲଭର୍ଟ କାମ କରିଥିବା ସ୍ଥାନୀୟ ସରପଞ୍ଚ ସୁନୀଲ କୁମାର ଅଗ୍ରୱାଲ କହିଛନ୍ତି ଯେ, ଏହି ରାସ୍ତାରେ କୌଣସି ଏକ ଭାରିଯାନ ଯାଇଥିବାରୁ ନବ ନିର୍ମିତ କଲର୍ଭଟର ଉପର ଭାଗ ଫାଟି ଯାଉଛି । ଏ ଯାଏ ବିଲ୍ ହୋଇନାହିଁ । ଏହାର ମରାମତି କରାଯିବ ବୋଲି କହିଛନ୍ତି । ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଖୋଲୁନି ଶୌଚାଳୟ, ବଢୁଛି ଦୁର୍ଦ୍ଦଶା

- ରଙ୍ଗବୋଳାରେ ସୀମିତ ଅଗ୍ରଗତି
- ହଇରାଣର ସମ୍ମୁଖୀନ ବସ୍‌ଯାତ୍ରୀ

ବରଗଡ଼ ଅଫିସ୍, ୧୧।୭


ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ବନ୍ଦ ହୋଇ ପଡ଼ି ରହିଥିବା ଶୌଚାଳୟ ।

ବରଗଡ଼ ସହର ପେଣ୍ଠସ୍ଥଳୀରେ ଥିବା ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ରହିଛି ଏକ ଶୌଚାଳୟ । ଶୌଚାଳୟ ନିର୍ମାଣକୁ ୧୦ବର୍ଷ ବିତିଯାଇଛି । କିନ୍ତୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଶୌଚାଳୟ ସମୁଦାୟ ୧୦ମାସ ଠିକ୍‌ଭାବେ ଚାଲିନାହିଁ । ବର୍ଷବର୍ଷ ଧରି ଏଠାରେ ତାଲା ଝୁଲୁଛି । ଫଳରେ ଏଠାକୁ ଆସୁଥିବା ବସ୍‌ଯାତ୍ରୀଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି । ଜିଲା ସଦର ମହକୁମାରେ ଏଭଳି ଅବସ୍ଥାରେ ଶୌଚାଳୟ ପଡ଼ି ରହିଥିବାବେଳେ ସେଥିପ୍ରତି ସ୍ଥାନୀୟ ପ୍ରଶାସନ, ଜନ ପ୍ରତିନିଧି ଆଖିବୁଜି ଦେବା ସେମାନଙ୍କ ପାରିବାପଣିଆକୁ ପଦାରେ ପକାଇ ଦେଇଛି । ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସବୁବେଳେ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀମାନେ କହୁଥିଲେ ସୁଦ୍ଧା ବସ୍‌ଷ୍ଟାଣ୍ଡ ପରିସରରୁ ତାହା ସ୍ପଷ୍ଟ ବାରି ହୋଇ ପଡୁଛି । ଶୌଚାଳୟରେ ତାଲା ଝୁଲୁଥିବାବେଳେ ଏହାର ତିନିପାର୍ଶ୍ୱରେ ଲୋକେ ପରିସ୍ରା, ମଳତ୍ୟାଗ କରୁଥିବା ଯୋଗୁ ପାରିପାର୍ଶ୍ୱିକ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି ।

ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ଦେଇ ପଡ଼ୋଶୀ ସମ୍ବଲପୁର, ବଲାଙ୍ଗୀର, ସୁବର୍ଣ୍ଣପୁର ଦେଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବସ୍ ଯାତାୟାତ କରୁଛି । ସେହିପରି ବ୍ୟବସାୟିକ ଦୃଷ୍ଟିକୋଣୁ ବରଗଡ଼-ଛତିଶଗଡ଼ର ସମ୍ପର୍କ ରହିଥିବା ଯୋଗୁ ଏହି ବସ୍‌ଷ୍ଟାଣ୍ଡ ଉପରେ ମଧ୍ୟ ଅନେକ ନିର୍ଭର କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ୨୦୦୯ ମସିହାରେ ତତ୍କାଳୀନ ଲୋକ ସଭା ଏମ୍‌ପିଙ୍କ ଅନୁଦାନ ପାଣ୍ଠିରୁ ଉକ୍ତ ଶୌଚାଳୟର ଶିଳାନ୍ୟାସ ସହିତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୧ରେ ଉଦଘାଟିତ ହୋଇଥିଲା ଶୌଚାଳୟ । ଶୌଚାଳୟ ଉଦ୍‌ଘାଟନ ହେବା ପରେ କିଛିମାସ ଧରି ତାହା କାର୍ଯ୍ୟକ୍ଷମ ରହିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଶୌଚାଳୟର ଆବଶ୍ୟକ ରକ୍ଷଣାବେକ୍ଷଣ ଆଡ ନିଆଯାଇ ନଥିଲା । ଫଳରେ ସେଠାକୁ ପାଣିଯୋଗାଣ ସମସ୍ୟା ଉପୁଜିଥିଲା ଏବଂ ଶେଷରେ ଶୌଚାଳୟକୁ ବନ୍ଦ କରି ଦିଆଯାଇଥିଲା । ତେବେ ମଝିରେ ମଝିରେ ସେହି ସମସ୍ୟାର ସମାଧାନ କରାଯାଉଥିଲା । କିନ୍ତୁ ତାହା କ୍ଷଣସ୍ଥାୟୀ ରହିବାରୁ ବାରମ୍ବାର ଶୌଚାଳୟରେ ତାଲା ଝୁଲୁଛି । ତାଲା ଝୁଲୁଥିବା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ ଲୋକେ ବିଭିନ୍ନ ସମୟରେ ଦାବି କରି ଆସୁଛନ୍ତି । କିନ୍ତୁ ସେ ଦିଗରେ ବିଭାଗୀୟ କ୍ଷେତ୍ରରେ ଆଶାନୁରୂପ ତତ୍ପରତା ଦେଖାଯାଉ ନାହିଁ । ଧରିତ୍ରୀରେ ଏ ନେଇ ଖବର ପ୍ରକାଶ ପରେ ଗତ ମାର୍ଚ୍ଚ ମାସରେ ଉକ୍ତ ଶୌଚାଳୟରେ ରଙ୍ଗ ବୋଳା ଯାଇଥିଲା । ମାତ୍ର ଶୌଚାଳୟ କାର୍ଯ୍ୟକ୍ଷମ ହେଲା ନାହିଁ । ବରଗଡ଼ର ସୁରେନ୍ଦ୍ର ପଣ୍ଡା କହିଛନ୍ତି, ଯେ, ଶୌଚାଳୟ ନିର୍ମାଣ କରି ଏଭଳି ଅକାମୀ କରି ପକାଇ ଦିଆଯିବା କ୍ଷୋଭର ବିଷୟ । କର୍ତ୍ତୃପକ୍ଷ ଏହାର ସୁପରିଚାଳନା ନେଇ ପଦକ୍ଷେପ ନେବା ଆବଶ୍ୟକ ହୋଇ ପଡିଛି । ସହରର ଆଉଜଣେ ନାଗରିକ ରମେଶ ଦାଶ କହିଛନ୍ତି, ଶୌଚାଳୟରେ ତାଲା ଝୁଲିବା ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅବିଳମ୍ବେ ଏହାକୁ କାର୍ଯ୍ୟକ୍ଷମ କରିବା ଦରକାର । ତେବେ ଏ ସମ୍ପର୍କରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ଶୌଚାଳୟକୁ ପାଣି ଯୋଗାଣ ନେଇ ସମସ୍ୟା ରହିଛି । ଏ ନେଇ ସମୀକ୍ଷା ସରିଛି ଏବଂ ସ୍ଥାୟୀ ସମାଧାନର ବାଟ ବାହାର କରାଯାଉଛି । ଅତିଶୀଘ୍ର ଶୌଚାଳୟ କାର୍ଯ୍ୟକ୍ଷମ ହେବ ବୋଲି ଆଚାର୍ଯ୍ୟ କହିଥିଲେ । ଏ ସମ୍ପର୍କରେ ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନାଙ୍କୁ ପଚାରିବାରୁ ସେ ନୂତନଭାବେ ଯୋଗଦେଇ ଥିବା ଯୋଗୁ ସେ ସମ୍ପର୍କରେ ଅବଗତ ନାହାନ୍ତି । ଅନୁଧ୍ୟାନ ପରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଜିଲା କଂଗ୍ରେସ କମିଟି ଘୋଷିତ

ବୌଦ୍ଧ,୧୧।୭(ସ୍ୱ.ପ୍ର.)

ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ କ୍ରମେ ବୌଦ୍ଧ ଜିଲା କଂଗ୍ରେସ କମିଟିର ସଭାପତି ନବକୁମାର ମିଶ୍ର ଜିଲା କମିଟି କର୍ମକର୍ତ୍ତା ଘୋଷଣା କରିଛନ୍ତି । ଏଥିରେ ଉପସଭାପତି ଭାବେ ସମରେଶ ମିଶ୍ର ଓ ଅଭିମନ୍ୟୁ ପ୍ରଧାନ, କୋଷାଧକ୍ଷ ପ୍ରଦୀପ ଦାସ, ସାଧାରଣ ସଂପାଦକ ଭାବେ ପ୍ରଦ୍ୟୁମ୍ନ ଧଳ, ଅର୍ଜୁନ ମହାନନ୍ଦିଆ, ଲଳିତ ମହାକୁଡ ଓ ସଦସ୍ୟ ଭାବେ ଜଗବନ୍ଧୁ ମହାକୁଡ, ସତ୍ୟଭାମା ମେହେର, ସଜିତ ଖାନ ଓ ଗୋବର୍ଦ୍ଧନ ବାରିକଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି କାର୍ଯ୍ୟକାରୀ କମିଟିକୁ ଜ୍ୟୋତିନ୍ଦ୍ର କୁମାର ସିହ୍ନା, ଉଦୟନାଥ ଶର୍ମା, ତାରେଣୀସେନ ଜେନା, ଗୌରୀ ଶତପଥୀ, ଚିତ୍ରଲେଖା ପାଣ୍ଡେ, ହରିହର ଭୋଇ, ଶିବ ବେହେରା, ବିପ୍ର ଚରଣ ବେହେରା, ଅଭିମନ୍ୟୁ ସାହୁ, ମହମଦ ରିଆଜୁଲ ଓ ପଙ୍କଜିନୀ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି । ଜିଲା କଂଗ୍ରେସ କମିଟିକୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବରେ ବରିଷ୍ଠ ନେତା ନାରାୟଣ ପ୍ରସାଦ ପରିଜା, ସୁଜିତ୍ କୁମାର ପାଢୀ, ସୁଧୀର ମହାକୁଡ, ହରି ନାରାୟଣ ପ୍ରଧାନ, ସୁଧୀର କୁମାର କର୍ଣ୍ଣ, ପ୍ରଶାନ୍ତ କୁମାର ସାହୁ, ଶ୍ରୀଧର ପ୍ରଧାନ, ବିନ୍ଧ୍ୟାବିନୀ ସାହୁ, ଚନ୍ଦ୍ରଶେଖର ପାଢୀ, ଅବଦୁଲ ହଲିମ ଖାଁ, ବିରେନ୍ଦ୍ର ବାରିକ, ବାବାସୁମନ୍ତ ମହାକୁଡ ଓ ଗଣେଷ ଅଗ୍ରୱାଲାଙ୍କୁ ନିଯୁକ୍ତି ଦିଆଯାଇଛି ।

## ଗୋସେବାରେ ସମର୍ପିତ ଜୀବନ

ବରଗଡ଼ ଅଫିସ୍,୧୧।୭


ବରଗଡ଼ ଏସ୍‌ପି ଅଫିସ ଛକରେ କାଶ୍ମୀର ସିଂ ବୁଲା ଗୋରୁଙ୍କୁ ଗୋଖାଦ୍ୟ ଦେଉଛନ୍ତି ।

ବରଗଡ଼ ଗୁରୁଦ୍ୱାରା ଛକ ନିକଟରେ ରୁହନ୍ତି କାଶ୍ମୀର ସିଂ । ସ୍ତ୍ରୀ ଦଲଜିତ୍, ଝିଅ ନବଜୋତ୍ ଏବଂ ପୁଅ ଅଜୟଙ୍କୁ ନେଇ ତାଙ୍କ ପରିବାର । ଗୁରୁଦ୍ୱାରା ଛକରେ ତାଙ୍କର ଏକ ମୋଟରପାର୍ଟସ୍ ଦୋକାନ ରହିଛି । ତେବେ ନିଜ ଦୋକାନ ଅପେକ୍ଷା ଗୋ ସେବାରେ ଅଧିକ ସମୟ ଦେଉଥିବା ସେ କହନ୍ତି । ପରିବାର ଲୋକେ ମଧ୍ୟ ତାଙ୍କୁ ଏଥିରେ ସହଯୋଗ କରୁଥିବା କାଶ୍ମୀର କହନ୍ତି ।

ଅତି ସାଧାରଣ ଜୀବନ ଜିଉଁଥିବା କାଶ୍ମୀର ପ୍ରତିଦିନ ଭୋର୍ ୩ଟାରୁ ଉଠିପଡନ୍ତି । ସେତେବେଳକୁ ବୁଲା ଗୋରୁ ତାଙ୍କ ଘର ସମ୍ମୁଖରେ ଆସି ଛିଡ଼ା ହୋଇ ଯାଇଥାନ୍ତି । ପ୍ରସ୍ତୁତ କରି ରଖିଥିବା ଗୋଖାଦ୍ୟକୁ ସେ ଗୋରୁଙ୍କୁ ଦେଇଥାନ୍ତି । ପରେ ନିଜ ସ୍କୁଟିରେ କୁଣ୍ଡା, ଗୁଡ଼, ରୁଟି, ଦାନା, ଫଳ, ପରିବା ଧରି ସହର ମୁଖ୍ୟରାସ୍ତା ଓ ବିଭିନ୍ନ କଳିକନ୍ଦି ପରିକ୍ରମା କରନ୍ତି । ବୁଲା ଗୋରୁ, କୁକୁର ଦେଖିଲେ ସେ ସେଠାରେ ଅଟକି ସେମାନଙ୍କୁ ନେଇଥିବା ଖାଦ୍ୟ ଦେଇଥାନ୍ତି । ଖାଲି ସେତିକି ନୁହେଁ ରାସ୍ତାରେ କୌଣସି ବୁଲା ପ୍ରାଣୀଙ୍କୁ ଆହତ ହୋଇଥିବା ଦେଖିଲେ ସେମାନଙ୍କ ଶରୀରରେ ଔଷଧ ଲଗାଇଥାନ୍ତି । ସେହିପରି ମରି ପଡିଥିବା ଗୋରୁକୁ ପୌର ପରିଷଦ ସହାୟତାରେ ନେଇ ସଂସ୍କାର କରାଇଥାନ୍ତି । ଲୋକେ କ୍ଷୀରବିକ୍ରି ପାଇଁ ଗୋପାଳନ କରୁଛନ୍ତି । ହେଲେ କାଶ୍ମୀରଙ୍କ ଉଦ୍ଦେଶ୍ୟ ତାହା ନୁହେଁ । ତାଙ୍କ ଘରେ ଗୋରୁ ନାହାନ୍ତି । ଏପରିକି ଗୋରୁ ରଖିବା ପାଇଁ ଗୁହାଳ ମଧ୍ୟ ନାହିଁ । କିନ୍ତୁ ନିଃସ୍ୱାର୍ଥଭାବେ ଗୋସେବା ତାଙ୍କ ନିଶା ପାଲଟି ଯାଇଛି । ଗୋସେବାରୁ ତାଙ୍କୁ ଖୁସି ମିଳେ । ସରକାର ଜାଗା ଯୋଗାଇ ଦେଲେ ସେଠାରେ ଗୋରୁଙ୍କୁ ରଖି ଅଧିକ ଯତ୍ନ ନେବାକୁ ସେ ସବୁବେଳେ ଚାହୁଁଛନ୍ତି । ମାତ୍ର ସେହି ଆଶା ଅଧୁରା ହୋଇ ପଡ଼ିଥିବା ସେ କହିଛନ୍ତି । ସେହିପରି ସରକାରଙ୍କ ଆନ୍ତରିକତା ଅଭାବରୁ ଗୋହତ୍ୟା, ଗୋ ଚାଲାଣ ବଢ଼ି ଚାଲିଛି ବୋଲି କାଶ୍ମୀର କହନ୍ତି ।

## ଯୁବକଙ୍କୁ ପିଟି ପିଟି ହତ୍ୟା, ଅଭିଯୁକ୍ତ ଫେରାର

ନୂଆପଡ଼ା ଅଫିସ,୧୧।୭

ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା ଚୁଲାଭାଟ ପଞ୍ଚାୟତ ଭଇଷାଦରା ଗାଁରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ବିକ୍ରମ ରାଉତ (୪୫) । ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ବିକ୍ରମ ୧୦ ବର୍ଷ ପୂର୍ବେ ଦର୍ଲିପଡା ଗାଁରୁ ବିବାହ ହୋଇ ସେହି ଗାଁରେ ଏକ ଦୋକାନ କରି ରହି ଆସୁଛନ୍ତି । ଶନିବାର ନିଜ ଗାଁ ଭଇଷାଦରା ଜମିକୁ ଦେଖିବା ପାଇଁ ଯାଇଥିଲେ । ପରେ ଭଣଜା ମେଘନାଥ ରାଉତ (୨୨)ଙ୍କୁ ବାଇକ୍‌ରେ ଆଣି ଆସିବା ପାଇଁ ଫୋନ କରି କହିଥିଲେ । ମେଘନାଥଙ୍କ ସହ ଆଉ ୨ଜଣ ରାଜୁ ରାଉତ ଓ ହୋମ ମାଝି ଆସି ୪ଜଣ ବାଇକ୍‌ରେ ଫେରୁଥିବା ବେଳେ ମଖାପଦର ଗାଁଠାରେ ୭ଜଣ ଯୁବକ ଅଟକାଇ କିଛି ନ କହି ଠେଙ୍ଗାରେ ମାଡ଼ ମାରିଥିଲେ । ୪ଜଣ ତଳେ ପଡିଯାଇଥିଲେ । ମେଘନାଥ ଓ ହୋମ ଦୌଡି ପଳାଇ ଯାଇଥିଲେ । ବିକ୍ରମ ଓ ରାଜୁ ଅତ୍ୟଧିକ ମାଡ ହେବାରୁ ସେଠାରେ ପଡି ରହିଥିଲେ । ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ଧରମବନ୍ଧା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ବିକ୍ରମଙ୍କ ରାତିରେ ମୃତ୍ୟୁ ହୋଇଥିବା ବେଳେ ରାଜୁ ଚିକିତ୍ସିତ ହେଉଛନ୍ତି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ୭ ଅଭିଯୁକ୍ତ ଫେରାର ଅଛନ୍ତି, ଏହାର ଅଧିକ ତଦନ୍ତ ଚାଲିଛି ବୋଲି ଧରମବନ୍ଧା ଆଇଆଇସି ସଞ୍ଜୁକ୍ତା ବାର୍ଲା ସୂଚନା ଦେଇଛନ୍ତି ।

## ଅଭିଯୁକ୍ତଙ୍କ ଆକ୍ରମଣରେ ପୋଲିସ ହାବିଲଦାର ଆହତ

ବରଗଡ଼ ଅଫିସ୍,୧୧।୭


ଆହତ ପୋଲିସ ହାବିଲଦାର ।

ବରଗଡ଼ ଭେଡ଼େନ ଥାନାରୁ ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରୁଥିବାବେଳେ ଅଭିଯୁକ୍ତଙ୍କ ଆକ୍ରମଣରେ ଜଣେ ପୋଲିସ ହାବିଲଦାର ଗୁରୁତର ଆହତ ହୋଇଛନ୍ତି । ଆହତ ପୋଲିସ ହାବିଲଦାର ହେଲେ କୀର୍ତ୍ତି ସୋରେନ । ଆକ୍ରମଣ କରିଥିବା ୨ଅଭିଯୁକ୍ତ ହେଲେ ଭେଡ଼େନର ବୁଲୁ ସାହୁ ଏବଂ ବିକାଶ ପୂଜାରୀ । ଭେଡ଼େନ ଡାକ୍ତରଖାନାରେ ଆହତ ହାବିଲଦାରଙ୍କ ଚିକିତ୍ସା କରାଯାଇ ଥିବାବେଳେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି । ହାବିଲଦାର ସୋରେନଙ୍କ ଏତଲାକ୍ରମେ ଭେଡ଼େନ ଥାନାରେ ଦଫା ୩୦୭, ୩ଏସଟି, ଏସସି ପିଏ ଆକ୍ଟରେ ଏକ ମାମଲା(ନଂ.୧୪୨/୨୧) ରୁଜୁ ହୋଇଛି । ପ୍ରକାଶ ଯେ, ଏକ ମାରପିଟ୍ ଘଟଣା(ନଂ.୧୪୦/୨୧)ରେ ଭେଡ଼େନ ପୋଲିସ ବୁଲୁ ଏବଂ ବିକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରୁଥିଲା । ତେବେ କୋର୍ଟ ପରିସରକୁ ନେବା ପରେ ଅଭିଯୁକ୍ତ ବୁଲୁ ସେଠାରେ ଥିବା ଏକ ମାଟିପାତ୍ର ଆଣି ପୋଲିସ ହାବିଲଦାର ସୋରେନଙ୍କୁ ଆକ୍ରମଣ କରିଥିଲେ । ଏଥିରେ ହାବିଲଦାର ସୋରେନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ଆଗଲପୁର ନାଗରିକ କମିଟି ପୁନର୍ଗଠିତ

ବଲାଙ୍ଗୀର ଅଫିସ, ୧୧।୭

ଆଗଲପୁର ନାଗରିକ କମିଟି ପୁନର୍ଗଠନ କରାଯାଇଛି । ଏହି କମିଟିରେ ଅଖିଳ କୁମାର ତ୍ରିପାଠୀ ସଭାପତି, ହିମାଂଶୁ କୁମାର ଭୋଇ ଉପସଭାପତି, ରାଧାକାନ୍ତ ନାୟକ ସମ୍ପାଦକ, ପ୍ରଦୀପ କୁମାର ମେହେର ଯୁଗ୍ମ ସମ୍ପାଦକ, ଗଙ୍ଗାଧର ମେହେର କୋଷାଧକ୍ଷ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟିରେ ପ୍ରହଲ୍ଲାଦ କୁମାର ଅଗ୍ରୱାଲ, ଦୈତାରୀ ସାହୁ, ଜୟନ୍ତ କୁମାର ସିଂଦେଓ, ପ୍ରମୋଦ କୁମାର ଭୋଇ, ଗୋପାଳ ଚନ୍ଦ୍ର ଦାସ, ଭିକାରୀ ବାଗ, କୁଞ୍ଜ ବିହାରୀ ତ୍ରିପାଠୀ, ଡାକ୍ତର ପୁଟେଲ, ପଦ୍ମନ ମେହେର, ସେବକ କୁମାର ମେହେର, ସଞ୍ଜୟ କୁମାର ଅଗ୍ରୱାଲ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ପୂର୍ଣ୍ଣାଙ୍ଗ ବୈଠକରେ ସମ୍ପାଦକ ନାୟକ କହିଛନ୍ତି ଯେ, ଆଗଲପୁର ଗ୍ରାମରେ ପାନୀୟ ଜଳ ଯୋଗାଣ ଓ ବିପର୍ଯ୍ୟସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କମିଟି ପକ୍ଷରୁ ବିଶେଷ ଧ୍ୟାନ ଦିଆଯିବ ।

## ମାଳି ସମାଜର ଜିଲାସ୍ତରୀୟ ବୈଠକ

ଅମରପାଲି,୧୧।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୂର୍ଛୁଣ୍ଡିସ୍ଥିତ ହରିହର ଆଶ୍ରମଠାରେ ରବିବାର କୋଶଲିଆ ମାଳି ସମାଜର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମାଜର ସଭାପତି ଅନିରୁଦ୍ଧ କୁରକୁରିଆ ଏଥିରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ବଲାଙ୍ଗୀର ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ପୁଟେଲ ମୁଖ୍ୟଅତିଥି ଏବଂ ଉପସଭାପତି ସୁବାସ ଚନ୍ଦ୍ର ପୁଟେଲ, ସମ୍ପାଦକ ତ୍ରିପାଠୀ ପୁଟେଲ , ବୌଦ୍ଧ ଜିଲା ସଭାପତି ହେମନ୍ତ ପୁଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଜିଲାର ବିଭିନ୍ନ ମଣ୍ଡଳରୁ ସମାଜର ଜାତି ଭାଇ ଯୋଗ ଦେଇଥିଲେ । ଶେଷରେ ଜିଲା ଉପ ସଭାପତି ହିମାଂଶୁ ଶେଖର ପୁଟେଲ ଧନ୍ୟବାଦ ଦେଇଥିଲେ ।

## 'ୟୁଥ୍ ଫର୍ ଆକ୍ସନ'ର ଜିଲା କର୍ମକର୍ତ୍ତା ଚୟନ

ଦେବଗଡ଼,୧୧।୭(ଡି.ଏନ୍.ଏ.)

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା 'ୟୁଥ୍ ଫର୍ ଆକ୍ସନ'ର କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କମିଟି ତରଫରୁ ଗରିବ ଅସହାୟଙ୍କୁ ଖାଦ୍ୟ ସାମଗ୍ରୀ ସହିତ ରନ୍ଧାଖାଦ୍ୟ ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ ପ୍ରକାଶ କରିଥିଲେ । ସେହିପରି ଜଳଛତ୍ର, ସ୍ୱାସ୍ଥ୍ୟ ଶିବିର, ଫିଟ୍ ଇଣ୍ଡିଆ ଅଭିଯାନ, ରକ୍ତଦାନ ଶିବିର, ଚାରା ରୋପଣ, ପଶୁ ସେବା, ସ୍ୱଚ୍ଛ ଭାରତ ଅଭିଯାନ, ମହାପୁରୁଷଙ୍କ ମୂର୍ତ୍ତି ସଫେଇ କାର୍ଯ୍ୟକ୍ରମ ତଥା ବହୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଜିଲାସ୍ତରୀୟ କାର୍ଯ୍ୟକାରିଣୀ ସଙ୍ଗଠନ କରାଯାଇ ନୂତନ ସଦସ୍ୟଙ୍କୁ ମନୋନୀତ କରାଯାଇଛି । ଏହି କ୍ରମରେ ଜିଲା ସଭାପତି ଭାବରେ ପ୍ରିତମ କୁମାର ବେହେରା (ଲିପୁ), ଉପସଭାପତି ତ୍ରିନାଥ ଦାସ, ପ୍ରକାଶ ରାଉତ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଦ୍ୱିବେଦୀ, ରାକେଶ କୁମାର ଦାସ, ସମ୍ପାଦକ କାର୍ତ୍ତିକ ମହାକୁଳ, ତନ୍ମୟ କୁମାର ଦାସ, କୋଷାଧକ୍ଷ ପ୍ରିତମ କୁମାର ସାହୁ ଓ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ମୁକେଶ କୁମାର ସାହୁଙ୍କୁ ମନୋନୀତ କରାଯାଇଛି ।


ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ।

## ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ନାଁରେ ସଂଖ୍ୟାଧିକ ଗଛକଟା

ଲେଫ୍ରିପଡା, ୧୧।୭(ଡି.ଏନ୍.ଏ.)


ରାସ୍ତାକଡରେ ରହିଥିବା ଗଛସବୁ କଟାଯାଇଛି ।

ଗତ ସପ୍ତାହରେ ସମଗ୍ର ଜିଲାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବନମହୋତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ଲକ୍ଷଲକ୍ଷ ବୃକ୍ଷରୋପଣ କରାଯାଇଥିବାବେଳେ ଏହାର ଦୁଇ ଦିନ ପରେ ୧କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆର୍‌ଡି ବିଭାଗ ଜରିଆରେ ଆରମ୍ଭ ହେବାକୁ ଯାଉଥିବା ଡେଲସରା-ଝରିଆପାଲି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ପ୍ରକଳ୍ପରେ ରବିବାର ରାସ୍ତା ପ୍ରଶସ୍ତୀକରଣ ନାମରେ ସଂଖ୍ୟାଧିକ ମୂଲ୍ୟବାନ ଗଛ କଟାଯାଇଥିବା ଜଣାପଡିଛି । ରାସ୍ତାକଡରେ ରହିଥିବା ଜାମୁ, ନିମ୍ବ, ଗମ୍ଭାରି, ମହୁଲ, ଶାଗୁଆନ ଆଦି ଗଛ କଟାଯାଇଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଆର୍‌ଡି ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ମତାମତ ନିଆଯିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି । ତେବେ ସମ୍ପ୍ରତି କୋଟି କୋଟି ଟଙ୍କା ଖର୍ଚ୍ଚ କରି ପଥପ୍ରାନ୍ତ ବନୀକରଣ କରାଯାଉଥିବାବେଳେ ଏଭଳି ବୃକ୍ଷ ଛେଦନକୁ ନେଇ ପରିବେଶପ୍ରେମୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । ଅପରପକ୍ଷରେ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଗଛ କାଟୁଥିବା ଜେସିବି ମେଶିନକୁ ଜବତ ନ କରିବା ସହିତ ଏହା ବନବିଭାଗ ପରିଧିରେ ଆସୁ ନ ଥିବାରୁ ଗାଡିକୁ ଛାଡିଦେଇଥିବା ପ୍ରକାଶ କରିଛନ୍ତି । ତେବେ ସାମାନ୍ୟ ଚାଷୀ ନିଜ ରୟତି ଜମିରେ ଥିବା ଗଛଟିଏ କାଟିଲେ କିମ୍ବା ଜନସ୍ୱାର୍ଥ ପାଇଁ କୌଣସି ବିକାଶମୂଳକ ପ୍ରକଳ୍ପ ନିର୍ମାଣରେ ଗଛଟିଏ କଟାଗଲେ ଡିଏଫ୍‌ଓଙ୍କ ଅନୁମତି ଜରୁରୀ ବୋଲି କହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଉଜ୍ଜ୍ୱଳପୁର ବନ ବିଭାଗ ଏହି ରାସ୍ତାକଡ ଗଛକଟାରେ ଟାଳଟୁଳ ନୀତି ଅବଲମ୍ବନ କରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୨ ଜୁଲାଇ, ୨୦୨୧

## ପାଗଳା କୁକୁର କାମୁଡ଼ାରେ ୨୭ ଆହତ

ରେଢ଼ାଖୋଲ,(ଡି.ଏନ.ଏ.): ରେଢ଼ାଖୋଲ ସହରରେ ସୋମବାର ଏକ ପାଗଳା କୁକୁର କାମୁଡ଼ାରେ ୨୭ ଜଣ ଆହତ ହୋଇଛନ୍ତି। ସକାଳ ୮ଟାରୁ ୨ଟା ପର୍ଯ୍ୟନ୍ତ କୁକୁରଟି ସହରର ବିଭିନ୍ନ ପଡାର ଲୋକଙ୍କୁ ଗୋଡାଇ କାମୁଡିଥିଲା। ଲୋକେ ଏନ୍‌ଏସି କର୍ତ୍ତୃପକ୍ଷ ଓ ଉପଜିଲାପାଳଙ୍କଠାରେ ଅଭିଯୋଗ କରିବା ପରେ ଅପରାହ୍ନ ୨ଟା ବେଳେ ଏନ୍‌ଏସି ପକ୍ଷରୁ କୁକୁରକୁ କାବୁ କରାଯାଇଥିଲା। ଆହତମାନେ ଚିକିତ୍ସା ପାଇଁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିଲେ। ହେଲେ ସେଠାରେ କୁକୁର କାମୁଡା ଇଞ୍ଜେକଶନ ନ ଥିବାରୁ ସମସ୍ତେ ବୁର୍ଲା ଭିମ୍‌ସାରକୁ ଯାଇଛନ୍ତି।



# ଭବ୍ୟ ମନ୍ଦିର ନିର୍ମାଣ ନେଇ ଅନିଶ୍ଚିତତା

ସୋନପୁର,୧୧।୭(ନି.ପ୍ର.)






ଚତୁର୍ଦ୍ଧା ମୂର୍ତ୍ତି ଅସ୍ଥାୟୀ ଘରେ ପୂଜା ପାଉଛନ୍ତି(ବାମ)। ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା ଫଳକ।

**ଅବହେଳିତ ପାତାଳି ଶ୍ରୀକ୍ଷେତ୍ର**

- ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ହୋଇଥିଲା ଅନୁମୋଦନ
- ପଦ୍ମଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ର ଯୋଜନା ପ୍ରସ୍ତୁତ କରିଥିଲେ

ସୁବର୍ଣ୍ଣପୁର ଜିଲାର ଛଳିଆ ପାହାଡରେ ଜଗତର ନାଥ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ । ଏହାର ପ୍ରାମାଣିକ ତଥ୍ୟ ମାଦଳା ପାଞ୍ଜିରେ ରହିଥିବା ବେଳେ ଏ ନେଇ ବହୁ ଐତିହାସିକ ସ୍ୱୀକୃତି ରହିଛି। ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଜିଲାର କୋଟସମଲେଇସ୍ଥିତ ପାହାଡରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପ୍ରସ୍ତାବ ରହିଛି। ଏଠାରେ ମନ୍ଦିର ନିର୍ମାଣ ପାଇଁ ୨୦୧୨ ଜୁଲାଇ ୫ରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଭୂମିପୂଜା କରିଥିଲେ। ତେବେ ଏହି ପ୍ରସ୍ତାବ ସରକାରୀ ନାଳିଫିତା ତଳେ ଚାପି ହୋଇ ରହିଥିବାରୁ ମନ୍ଦିର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି ।

ପାତାଳି ଶ୍ରୀକ୍ଷେତ୍ରରେ ନିର୍ମିତ ହେବାକୁ ଥିବା ମନ୍ଦିରର ଗର୍ଭ ଗୃହ ଓ ମୁଖଶାଳା ନିର୍ମାଣ ପାଇଁ ପ୍ରାୟ ୪ କୋଟି ଟଙ୍କାର ବ୍ୟୟ ଅଟକଳ ଥିଲା। ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହା ଅନୁମୋଦିତ ହୋଇଥିଲା। ପରିତାପର ବିଷୟ ଇତିମଧ୍ୟରେ ୬ ବର୍ଷ ବିତିଗଲାଣି। କିନ୍ତୁ ରାଜ୍ୟ ସଂସ୍କୃତି ବିଭାଗ ଏହି ମନ୍ଦିର ନିର୍ମାଣ ପାଇଁ ଆଦୌ ତତ୍ପର ନ ହେବା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି। ଶ୍ରୀମନ୍ଦିର ବୈଷୟିକ କମିଟି ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ଓ ଜଗମୋହନ ନିର୍ମାଣ ସକାଶେ ସ୍ଥାନ ପରିଦର୍ଶନ କରିଥିଲେ। ସ୍ଥପତି ଭବାନୀ ଶଙ୍କର ମିଶ୍ର ୪ କୋଟି ଟଙ୍କା ବିନିମୟରେ ମନ୍ଦିର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ପାଇଁ ଅନୁରୋଧ କରା ଯାଇଥିଲା। ବିଶିଷ୍ଟ ସ୍ଥପତି ପଦ୍ମଭୂଷଣ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଯୋଜନା ଅନୁସାରେ ପଥର ଖୋଦେଇ ରେଖା ପାଇଁ ୧ କୋଟି ୩୪ ଲକ୍ଷ ୩୧ ହଜାର ୨ ଶହ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା।

ଜଗମୋହନ ନିର୍ମାଣ ପାଇଁ ୯୧ ଲକ୍ଷ ୨୮ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ନାଟ ମଣ୍ଡପ ନିର୍ମାଣ ପାଇଁ ୭୧ ଲକ୍ଷ ୩୮ ହଜାର ୪ ଶହ ଟଙ୍କା, ଲକ୍ଷ୍ମୀ ଓ ବିମଳା ମନ୍ଦିର ପାଇଁ ୨୭ ଲକ୍ଷ ୬୩ ହଜାର ଟଙ୍କାର ବ୍ୟୟ ଅଟକଳ କରା ଯାଇଥିଲା। ଏହା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୫ ଲକ୍ଷ ୮୦ ହଜାର ଟଙ୍କାର ବ୍ୟୟ ଅଟକଳ ଥିଲା। ଏହିପରି ମୋଟ ୩ କୋଟି ୯୮ ଲକ୍ଷ ୩୪ ହଜାର ୬ ଶହ ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଥିଲା । ୨୦୧୪ ମେ ୮ ତାରିଖରେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପସ୍ଥାପନ କରା ଯାଇଥିଲା। ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ସୁବର୍ଣ୍ଣପୁର ଜିଲା ସଂସ୍କୃତି ବିଭାଗକୁ ଆସିଥିବା ପତ୍ରସଂଖ୍ୟା ୬୨୪୧/୨/୨୦୧୪ ତା ୨.୬.୨୦୧୪ ଅନୁସାରେ ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ନିରୂପଣ ତଥା ଅନ୍ୟାନ୍ୟ ପଦକ୍ଷେପ ସମ୍ପର୍କରେ ମନ୍ଦିର ପ୍ରଶାସନ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଜଣାଇଥିଲେ। ଚିଠି ପାଇବା ପରେ ପାତାଳି ଶ୍ରୀକ୍ଷେତ୍ରର ଆବଶ୍ୟକ ସ୍ଥାନ ନିରୂପଣ କରି ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୪୫୨/୧୫.୯.୨୦୧୪ରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କମିଶନରଙ୍କୁ ପତ୍ର ଲେଖି ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଥିବା ୪ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁର କରିବା ସହ ନିର୍ମାଣ କାର୍ଯ୍ୟକୁ ସ୍ୱୀକୃତି ଦେବାକୁ ଅନୁରୋଧ କରା ଯାଇଥିଲା। କିନ୍ତୁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଉତ୍ତର ଆସନାହିଁ । ଏ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଦ୍ୟାବଧି ମନ୍ଦିର ନିର୍ମାଣ ହୋଇ ନ ଥିବାରୁ ୨୦୧୧ରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପ୍ରଦତ୍ତ ଚତୁର୍ଦ୍ଧା ମୂର୍ତ୍ତି ଏକ ଅସ୍ଥାୟୀ ଘରେ ପୂଜା ପାଉଛନ୍ତି ।

ରିପୋର୍ଟ– ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର।

## ୯ ଲକ୍ଷ ଟଙ୍କାର ବିଦେଶୀ ମଦ ଚୋରି

ସମ୍ବଲପୁର,୧୧।୭(ବ୍ୟୁରୋ)

ସମ୍ବଲପୁର ଠେଲକୋଲିରେ ଥିବା ବିଦେଶୀ ମଦ ଦୋକାନରୁ ଶନିବାର ରାତି ପ୍ରାୟ ଅଢେଇଟା ସମୟରେ ଚୋରି ହୋଇଛି। ବିଭିନ୍ନ କମ୍ପାନୀର ପ୍ରାୟ ୯ ଲକ୍ଷ ଟଙ୍କାର ମଦ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଠେଲକୋଲି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ଦୋକାନ ମାଲିକ ରବିନଚନ୍ଦ୍ର ନାଏକ ଅଭିଯୋଗ କରିଛନ୍ତି, ଶନିବାର ସନ୍ଧ୍ୟା ୬ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ଦୋକାନ ଖୋଲିବାକୁ ଆସିଥିବାବେଳେ ତାଲା ଭଙ୍ଗାଯାଇ ମଦ ଚୋରି ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ପିକଅପ୍ ଭ୍ୟାନରେ ପ୍ରାୟ ୧୦ ପେଟି ମଦ ଚୋରିକରି ନେଇଥିବା ସେ ଦର୍ଶାଇଛନ୍ତି। ଠେଲକୋଲି ଥାନା ଅଧିକାରୀ ଜୟରଶ୍ମି ସେଠୀ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ କରାଯାଉଛି। ଷ୍ଟକ ଓ ବିକ୍ରି ପରିମାଣ ଯାଞ୍ଚ କରାଯାଉଛି। ୪ ଜଣଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ ମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

**ସଂକ୍ଷେପରେ**

## ବୌଦ୍ଧ ଜିଲାରେ କରୋନା ନେଲାଣି ୯୭ ଜୀବନ

ବୌଦ୍ଧ,୧୧।୭(ସ୍ୱ.ପ୍ର.): ବୌଦ୍ଧ ଜିଲାରେ କରୋନାର ପ୍ରଥମ ଲହରରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦ୍ୱିତୀୟ ଲହର ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଦ୍ୱିତୀୟ ଲହରରେ ଜିଲାରେ ବହୁ ସଂଖ୍ୟକ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସରକାରୀ ଭାବରେ ୮୬ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ଦିଆଯାଇଛି। ବର୍ତ୍ତମାନ ଜିଲାରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ତେବେ କରୋନା ଦ୍ୱିତୀୟ ଲହରରେ ଜନସାଧାରଣ ଯେପରି ଭାବରେ ଆକ୍ରାନ୍ତ ହେଲେ ତାହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା । ଜିଲାରେ କରୋନାରେ ମୋଟ ୯୭ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଜିଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ମୃତକଙ୍କ ମଧ୍ୟରେ ଗ୍ରାମାଞ୍ଚଳ ଲୋକଙ୍କ ସଂଖ୍ୟା ଅଧିକ ଥିବା ଜଣାପଡିଛି। ସଚେତନତା ଅଭାବରୁ ବହୁ ଲୋକ ଆକ୍ରାନ୍ତ ହୋଇଥିଲେ ମଧ ସେମାନେ ପରୀକ୍ଷା ନ କରାଇ ଘରେ ରହି ଚିକିତ୍ସିତ ହୋଇ ଶେଷରେ ମୃତ୍ୟୁବରଣ କରିଥିଲେ । ଜିଲାରେ ୨୦୨୦ ମେ ମାସ ୧୦ ତାରିଖରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।

## ଯୁବ କୁଲତା ସମାଜ ତରଫରୁ ଚାରାରୋପଣ

ଖପ୍ରାଖୋଲ,୧୧।୭(ଡି.ଏନ.ଏ): ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଯୁବ କୁଲତା ସମାଜ ବଲାଙ୍ଗୀର ତରଫରୁ ରବିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଯୁବ କୁଲତା ସମାଜ ଜିଲ ସଭାପତି ଅସୀମ କୁମାର ଭୋଇ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ସାହୁ, ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ଯୁବ କୁଲତା ସମାଜ ଉପଦେଷ୍ଟା ପରଦେଶୀ ବିଶ୍ୱାଳ, ସମ୍ପାଦକ ପୂର୍ଣ୍ଣ ବିଶ୍ୱାଳ, ଉପସଭାପତି ସୁଧିର ପଧାନ, ଯୁଗଦମ ସମ୍ପାଦକ କୌସ୍ତୁଭ ସାହୁ ପ୍ରମୁଖ ଯୋଗଦେଇଥିଲେ । ନାନ୍ଦୁପଲା, ହରିଶଙ୍କର ରାସ୍ତା କଡରେ ଜାମୁ, ଅଁଳା, ପିଜୁଳି, ବଉଳ ଆଦି ଚାରା ରୋପଣ କରିଥିଲେ। ପରେ ବ୍ଲକସ୍ତରୀୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ଅକ୍ଷୟ ପଧାନ, ଉପସଭାପତି ସଞ୍ଜିବ ସାହୁ, ସମ୍ପାଦକ ସୁଶାନ୍ତ ପଧାନ, ସହସମ୍ପାଦକ ଯଶୋବନ୍ତ ସାହୁ, କୋଷାଧ୍ୟକ୍ଷଭାବେ ଦିଲ୍ଲୀପ ସାହୁ ମନୋନୀତ ହୋଇଥିଲେ ।

## ପାଚେରି ଘାଟ ପୀଠରେ ଚାରାରୋପଣ

ଗୁଡ଼ଭେଲା,୧୧।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ରୁଷୁଡା ମା ପାଚେରୀ ଘାଟ ପୀଠ ପରିସରରେ ଗୁଡଭେଲା ମଣ୍ଡଳ ଗୋଣ୍ଡୱାନ ସମିତି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରୁଷୁଡା ପଲ୍ଲୀ ଆୟୋଜନ ସମିତିର ସଭାପତି ରମାକାନ୍ତ ଭୋଇ ଚାରା ରୋପଣର ମହାନତା ଉପରେ ମତ ରଖିଥିଲେ । ସମ୍ପାଦକ ଶୁକ୍ରୁ ଧରୁଆ, ଗୋପବନ୍ଧୁ ମାଝୀ, ତେଜରାଜ ମାଝୀ, ଟୁକୁ ମାଝୀ, ଲକ୍ଷ୍ମଣ ଭୋଇ, ବିଶ୍ୱଲାଲ ମାଝୀ, ଅପୂର୍ବ ମାଝୀ ପ୍ରମୁଖ ଯୋଗଦେଇଥିଲେ ।

## ବଢୁଛି ମଦ କାରବାର, ଚେଇଁ ଶୋଇଛି ପୋଲିସ ପ୍ରଶାସନ

ବାଉଁଶୁଣୀ,୧୧।୭(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ଗଳି କନ୍ଦିରେ ଅବାଧରେ ମଦ ବିକ୍ରି ଚାଲିଛି । ମଦ ପିଇ ବହୁ ବ୍ୟକ୍ତି ସର୍ବସ୍ୱାନ୍ତ ହେଉଥିବା ବେଳେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଏଥିରେ ରୋକ ଲଗାଯାଇ ପାରୁନାହିଁ। ଥାନା ଅଞ୍ଚଳରେ ୫ ଗୋଟି ବେଆଇନ ଢ଼ାବା, ୨୦ ଗୋଟି କୁଟିଆ ଦେଶୀ ଓ ବିଦେଶୀ ମଦ କୁଠି ରହିଛି । ହେଲେ ଆଜି ପର୍ଯ୍ୟନ୍ତ ଚଢାଉ କରାଯାଇ ନାହିଁ । କେତେଜଣ ମଦ ବେପାରୀ ପୋଲିସକୁ ହାତରେ ରଖି ଖୁଲମଖୁଲା ମଦ କାରବାର କରୁଥିବା ଅଭିଯୋଗ ହେଉଛି । ଏହାସହିତ କିଛି ଦିନ ତଳେ ବାଉଁଶୁଣୀ ଥାନା ପକ୍ଷରୁ ସାହାଜପାଲ ଅଞ୍ଚଳରେ ଏକ ଗାଡିରୁ ୩୬ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ବେପାରୀ ଖସି ଯାଇଥିଲା । ଥାନା ଅଞ୍ଚଳରେ ଦିନକୁ ଦିନ ଆପରାଧିକ ମାମଲା ବଢ଼ି ଚାଲିଥିବା ବେଳେ ପୋଲିସ ହାତ ଖାଲି । ଫଳରେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଚନ୍ଦନଭାଟିରେ ହାଇମାଷ୍ଟ, ଷ୍ଟ୍ରିଟଲାଇଟ ଲୋକାର୍ପଣ



ବିଧାୟକ ନରସିଂହ ମିଶ୍ର ଚନ୍ଦନଭାଟି ଗାଁରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଅଫିସ,୧୧।୭

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଗାଁରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ୪ଟି ହାଇମାଷ୍ଟ ଲାଇଟ୍ ଓ ୪ଟି ଷ୍ଟ୍ରିଟ ଲାଇଟ୍ ଉଦ୍‌ଘାଟନ କରିଛନ୍ତି। ଚନ୍ଦନଭାଟି ସ୍କୁଲ ଛକ, ମେନ ରୋଡ, ମନ୍ଦିର ଛକ ତଥା ମେହେରପଡାରେ ଲାଗିଥିବା ୪ଟି ହାଇମାଷ୍ଟ ଲାଇଟ ଏବଂ ମନ୍ଦିର ସାମନା ରାସ୍ତାର ଷ୍ଟ୍ରିଟ ଲାଇଟକୁ ବିଧାୟକ ମିଶ୍ର ସୁଇଚ୍ ଟିପି ଉଦ୍‌ଘାଟନ କରିଥିଲେ। ବିଧାୟକ ମିଶ୍ର ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ରାମପ୍ରସାଦ ମିଶ୍ର, ଚନ୍ଦନଭାଟି ସରପଞ୍ଚ ମୀନାକୁମାରୀ ଭୋଇ, କପିଳେଶ୍ୱର ପାଣିଗ୍ରାହୀ, ଗୋପାଳଜୀ ପାଣିଗ୍ରାହୀ, ଭାବଗ୍ରାହୀ ଖମାରୀ, ବନମାଳି ପୁରୋହିତ, ରାମଚନ୍ଦ୍ର ପଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୬ ମାସ ତଳେ ଚନ୍ଦନଭାଟି ପଞ୍ଚାୟତ ପରିଦର୍ଶନରେ କଲାବେଳେ ବିଧାୟକ ମିଶ୍ରଙ୍କୁ ଚନ୍ଦନଭାଟି ଗାଁର ଜଣେ ମହିଳା ତାଙ୍କ ପାଇଁ ଆବାସ ଗୃହ ଦାବିକରିବା ସହ ଗାଁ ରାସ୍ତା ପ୍ରାୟତଃ ଅନ୍ଧକାର ରହୁଛି। ମହିଳାମାନେ ଅନ୍ଧାରୁଆ ରାସ୍ତା ଯୋଗୁଁ ଅସୁରକ୍ଷିତ ମଣୁଛନ୍ତି । ଏଣୁ ଚନ୍ଦନଭାଟି ରାସ୍ତାକୁ ଆଲୋକୀକରଣ କରିବାକୁ ଦାବି କରିଥିଲେ । ସେଠାରେ ବିଧାୟକ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ଏହି ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବଜ୍ରପାତରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ସମ୍ବଲପୁର,୧୧।୭(ବ୍ୟୁରୋ)

ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ବଲବସପୁର ଗ୍ରାମର ମତ୍ସ୍ୟଜୀବୀ ସୁନୀଲ ବେହେରା (୩୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ହେଲେ ତାଙ୍କ ବାପା ଅଗସ୍ତି ବେହେରା (୫୫) ବର୍ତ୍ତିଯାଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ୫ଟାରେ ଉଭୟ ବାପପୁଅ ହୀରାକୁଦ ଡ୍ୟାମ୍‌ରୁ ମାଛମାରି ଫେରୁଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହେବାରୁ ଉଭୟ ଗୁରୁତର ହୋଇପଡିଥିଲେ। ପରିବାର ଓ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସୁନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଶାସନ ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି, ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଣଙ୍କ ମୃତ୍ୟୁ ଘଟିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

## ଜେଏମ୍‌ଏଫ୍‌ସି ଖୋଲିବା ବିଜ୍ଞପ୍ତିରେ ତୁଷୁରା ନାଁ ନ ଥିବାରୁ ଅସନ୍ତୋଷ

ଗୁଡ଼ଭେଲା,୧୧।୭(ଡି.ଏନ.ଏ.)

ଓଡିଶା ହାଇକୋର୍ଟ ପକ୍ଷରୁ ରାଜ୍ୟରେ ୫୧ଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (ଜେଏମଏଫସି) ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ହାଇକୋର୍ଟ ପତ୍ର ସଂଖ୍ୟା ୬୮୪୫(୨୦), ତା୯।୭।୨୧ରିଖ ଅନୁଯାଇ ରାଜ୍ୟରେ ୫୧ଟି ନୂତନ ଜିଏମଏଫସି କୋର୍ଟ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ଦର୍ଶାଯାଇଛି । ହେଲେ ଏଥିରେ ବଲାଙ୍ଗୀର ଜିଲା ତୁଷୁରାର ନାମ ନାହିଁ। ୧୯୯୦ ମସିହାରୁ ତୁଷୁରାରେ ଜେଏମ୍‌ଏଫସି କୋର୍ଟ ଖୋଲିବା ପାଇଁ ଦାବି ହୋଇଆସୁଛି। ୨୦୧୮ ମସିହାରେ ଜିଲା ଏବଂ ଦୌରାଜଜ ଚିତ୍ତରଞ୍ଜନ ମହାପାତ୍ର ତୁଷୁରା ଆସିଥିବା ବେଳେ ଏଠାରେ ଜିଏମଏଫସି କୋର୍ଟ ସ୍ଥାପନ ଦାବି ଯଥାର୍ଥ ବୋଲି କହିଥିଲେ। ହେଲେ ସମସ୍ତ ଭିତ୍ତିଭୂମି ଥିଲେ ବି ଚଳିତ ବିଜ୍ଞପ୍ତିରେ ତୁଷୁରାକୁ ସାମିଲ କରାଯାଇନାହିଁ। ଫଳରେ ଏହି ଅଞ୍ଚଳର ଲୋକେ ପୁଣି ଥରେ ହତାଶ ହୋଇଛନ୍ତି। କେବଳ ଜେଏମ୍‌ଏଫସି କୋର୍ଟ ସ୍ଥାପନ ନ ହେବା କଥା ନୁହେଁ ସବୁ ସମୟରେ ତୁଷୁରାକୁ ଅଣଦେଖା କରାଯାଇଛି ବୋଲି କହିଛନ୍ତି ତୁଷୁରା ନାଗରିକ କମିଟି ସଭାପତି ରୁଣୁ ଗୋପାଳ ସାହୁ। ସମସ୍ତ ଭିତ୍ତିଭୂମି ଥିଲେ ବି ତୁଷୁରା ସରକାରଙ୍କ ପାତରଅନ୍ତର ନୀତି ଯୋଗୁ ନାର୍ଯ୍ୟ ଦାବି ପୂରଣରୁ ବଞ୍ଚିତ ହେଲା ବୋଲି କହିଛନ୍ତି ଆଇନଜୀବୀ ସୁମିତ ମିଶ୍ର। ସାମାଜିକ କର୍ମୀ ବିଷ୍ଣୁପ୍ରସାଦ କେଡିଆ କହିଛନ୍ତି ଯେ, ହାଇକୋର୍ଟର ବରିଷ୍ଠ ବିଚାରପତି ସଞ୍ଜୟ ମିଶ୍ର ଓ ଜିଲା ପ୍ରୋଟଫୋଲିଓ ଜଜ ଶତ୍ରୁଘନ ପୂଜାରୀଙ୍କ ସହ ଆଲୋଚନା କଲା ପରେ ସାନି ବିଚାର କରି ନିଷ୍ପତ୍ତି ନିଆଯିବାର ପ୍ରତିଶ୍ରୁତି ମିଳିଛି ବୋଲି କହିଛନ୍ତି।

# ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ର ପକ୍ଷରୁ ଚାରା ବଣ୍ଟନ

ବଡ଼ଗାଁ,୧୧।୭ (ଡି.ଏନ୍.ଏ.)




କୃଷକମାନଙ୍କୁ ଫଳବୃକ୍ଷ ଚାରା ବଣ୍ଟନ କରାଯାଉଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମସ୍ଥିତ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ରରେ ଶନିବାର କୃଷକମାନଙ୍କୁ ଫଳବୃକ୍ଷ ଚାରା ବଣ୍ଟନ କରାଯାଇଛି। ଜରଙ୍ଗଲୋଇ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ର ଓ ଚମେଲି ଦେବୀ ବନାରସୀ ଫାଉଣ୍ଡେସନର ମିଳିତ ସହଯୋଗରେ ଯାଜପୁର, ଘଣ୍ଟବୁଡ଼, ତିଲେଇମାଲ ଓ ଜରଙ୍ଗଲୋଇ ଗ୍ରାମର ୫୦ଜଣ ଚାଷୀଙ୍କୁ ୩ଟି ଆମ୍ବ, ୨ଟି ଲେଖାଏଁ ଲେମ୍ବୁ, ଲିଚୁ, ଅମୃତଭଣ୍ଡା ଚାରା ବିତରଣ କରାଯାଇଥିଲା। କେନ୍ଦ୍ରର ସଂରକ୍ଷକ ରଞ୍ଜନ ପଟେଲ, ପୂର୍ବକ୍ଷେତ୍ର ଅଧକ୍ଷ ଅଶୋକ ଗାନ୍ଧି, ଜରଙ୍ଗଲୋଇ ସଞ୍ଚାଳନ ସମିତିର ଅଧକ୍ଷ ସୁନିଲ କୁମାର ଅଗ୍ରୱାଲ, ଉପାଧକ୍ଷ ଦୀନେଶ ବଜାଜ, ସଚିବ ବିକାଶ ଚନ୍ଦ୍ର ରାୟ, ସମିତି ସଦସ୍ୟ ଜୟନ୍ତ ଧଳ, ଭାଜପା କୃଷକ ମୋର୍ଚ୍ଚା କର୍ମକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।ଏକଲ ଗ୍ରାମୋତ୍ଥାନ ଫଉଣ୍ଡେସନର କେନ୍ଦ୍ରିୟ ସହ ଯୋଜନା ପ୍ରମୁଖ ଅର୍ଜୁନ ଶର୍ମାଙ୍କ ଦ୍ୱାରା ଫଳ ଚାରା ବଣ୍ଟନ ସହିତ ଚାରା ରୋପଣର ଉପକାରିତା ଓ ଲକ୍ଷ୍ୟ ଉପରେ ଚାଷୀଙ୍କୁ ବୁଝାଇଥିଲେ। ଏହାସହିତ କେନ୍ଦ୍ରର ପ୍ରଭାରୀ ଲାଲମୋହନ ମହତୋ ଚାରା ରୋପଣ ବିଧି, ଜୈବିକ ସାର ପ୍ରୟୋଗ, ଚାରାର ସୁରକ୍ଷା ଉପରେ ବୁଝାଇଥିଲେ। ଚଳିତବର୍ଷ ଏକହଜାର ଚାଷୀଙ୍କୁ ଚାରା ବିତରଣ ଲକ୍ଷ୍ୟ ରଖାଯାଇଛି। ଅଞ୍ଚଳର ଚାଷୀମାନେ ଜରଙ୍ଗଲୋଇ କେନ୍ଦ୍ରରୁ ଚାରା ପାଇବା ପାଇଁ ନାମାଙ୍କନ କରିବାକୁ କୁହାଯାଇଛି। କାର୍ଯ୍ୟକ୍ରମ ଶେଷରେ କୃଷକ ମୋର୍ଚ୍ଚା କର୍ମକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଢ଼ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମହୁଲଫୁଲ ଜବତ

**ମହିଳାଙ୍କୁ ମାରପିଟ କରିଥିବା ଅଭିଯୁକ୍ତଙ୍କୁ ଖୋଜିଲା ବେଳେ**

ସୁନ୍ଦରଗଡ଼, ୧୧।୭ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା କନିକା ତେନ୍ତେଲପଡାରେ ଜଣେ ୬୦ ବର୍ଷୀୟ ବୃଦ୍ଧା ଓ ତାଙ୍କ ନାତିଙ୍କୁ ମାଡପିଟ କରିବା ଅଭିଯୋଗରେ ପୋଲିସ ଏହି ଗ୍ରାମର ମହମ୍ମଦ ମଜିଦ (୩୨) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ମଜିଦଙ୍କୁ ଗିରଫ କରିବାକୁ ଯାଇଥିବାବେଳେ ପୋଲିସ ସେହିଘର ପାଖରେ ବେଆଇନ୍ ଭାବେ ମହଜୁଦ ଥିବା ୨୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ୬୧ଟି ବସ୍ତାରେ ଥିବା ମହୁଲଫୁଲ ଜବତ କରିଛି। ଯାହାର ମୂଲ୍ୟ ଦେଢ଼ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ପୋଲିସ ଅବଦୁଲ ରହେମାନ (୪୪)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

## ଲାୟନ୍ସ କ୍ଲବ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ଦେବଗଡ଼,୧୧।୭(ଡି.ଏନ୍.ଏ.)




ନୂତନ ସଭାପତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉଛି।

ସ୍ଥାନୀୟ ଖପରସାହିସ୍ଥିତ ଲାୟନ୍ସ କ୍ଲବ କାର୍ଯ୍ୟାଳୟଠାରେ ରବିବାର ଲାୟନ୍ସ କ୍ଲବ ଦେବଗଡ ଶାଖାର ନୂତନ କର୍ମକର୍ତ୍ତାଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ଲବର ପୂର୍ବତନ ସଭାପତି ସୌରଭ ସାଗର ପ୍ରଧାନ ନୂତନ ଭାବେ ମନୋନୀତ ସଭାପତି ଶୁକଦେବ ଭଞ୍ଜଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ କରିବା ପରେ ସଭାପତି ଭଞ୍ଜଙ୍କ ସମେତ ନୂତନ ଉପ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ନୂତନ ସମ୍ପାଦକ ପଲ୍ଲବ ଘୋଷ ଓ କୋଷାଧକ୍ଷ ରାଘବ ମହାରଣାଙ୍କ ସମେତ କ୍ଲବର ବହୁ ପଦାଧିକାରୀ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜୋନାଲ ଚେୟାରପର୍ସନ ପ୍ରଶନ୍ନ କୁମାର ବେହେରା, କ୍ୟାବିନେଟ ମେମ୍ବର କ୍ଷିତିଶ ପ୍ରଧାନ, କ୍ଷୀରୋଦ ବେହେରା, ଶାନ୍ତିଲତା ବେହେରା, ସୁଶ୍ରୀତା ସାହୁ, କ୍ଷୀରୋଦ ପ୍ରଧାନ ଓ ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପରେ ଦେବଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ କ୍ଲବ ପକ୍ଷରୁ ବୃକ୍ଷଚାରା ରୋପଣ କରାଯିବା ସହ ପ୍ରଧାନପାଟସ୍ଥିତ ଶ୍ରୀଶ୍ରୀ ଚମ୍ପେଶ୍ୱର ମହାପ୍ରଭୁଙ୍କ ମନ୍ଦିର ପରିସରକୁ ସଫା କରାଯାଇଥିଲା ।

# ବୃକ୍ଷରୋପଣ ନାଁରେ ଟଙ୍କା ଆତ୍ମସାତ୍

ସମ୍ବଲପୁର,୧୧।୭(ବ୍ୟୁରୋ)



କୋଲଗାଁର ମଜୁରି ପାଇ ନ ଥିବା ଶ୍ରମିକମାନେ।

**ବନ ବିଭାଗରେ ପୁଣି ଦୁର୍ନୀତି ଅଭିଯୋଗ**

ସମ୍ବଲପୁର ବନଖଣ୍ଡ ଅଧୀନ ବିଭିନ୍ନ ରେଞ୍ଜରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏବେ ବୃକ୍ଷରୋପଣ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଧମା ରେଞ୍ଜ କୋଲଗାଁ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସେମାନେ ବୃକ୍ଷରୋପଣରେ କାମ କରି ମଜୁରି ଟଙ୍କା ପାଇ ନ ଥିବା ଦର୍ଶାଇଛନ୍ତି। ବନ ବିଭାଗ ଓ ସ୍ଥାନୀୟ ଜଣେ ଠିକାଦାର ଅନ୍ୟ ଶ୍ରମିକଙ୍କ ଜବ୍‌କାର୍ଡ ବ୍ୟବହାର କରି ଟଙ୍କା ଉଠାଇ ନେଇଛନ୍ତି। ଏ ନେଇ ବାରମ୍ବାର ବନ କର୍ମଚାରୀଙ୍କୁ ଅଭିଯୋଗ କଲେ ମଧ ମଧ ଶୁଣୁ ନ ଥିବା କହିଛନ୍ତି। ଗ୍ରାମର କାଳିଆ ମିର୍ଦ୍ଧା, ତୁଲାବତି ପ୍ରଧାନଙ୍କ ସମେତ ପ୍ରାୟ ୪୦ ଜଣ ଶ୍ରମିକ ଏହି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗକ୍ରମେ, ଆର୍ଥିକ ବର୍ଷ ୨୦୨୦–୨୧ରେ କୋଲଗାଁ ନିକଟସ୍ଥ ଜଙ୍ଗଲରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୃକ୍ଷରୋପଣ ହୋଇଥିଲା। ପ୍ରାୟ ୫୦ ହେକ୍ଟର ଜଙ୍ଗଲକୁ ସାମିଲ କରାଯାଇଥିଲା। ଏଥିରେ କୋଲଗାଁ ଗ୍ରାମର ୬୦ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। କେତେଜଣ ୪ ସପ୍ତାହ ଓ ଆଉ କେତେଜଣ ଶ୍ରମିକ ସପ୍ତାହେ ଧରି କାମ କରିଥିଲେ। ମଜୁରି ଟଙ୍କା ମାଗିବାରୁ ବ୍ୟାଙ୍କ ଜମାଖାତାକୁ ଆସିବ ବୋଲି କହିଥିଲେ। ହେଲେ କାମ ସରିବା ପରେ ଅନ୍ୟ ଶ୍ରମିକମାନଙ୍କ ମଜୁରି ବାବଦକୁ ୨୫ ଶହ ଟଙ୍କା ଦିଆଗଲା। ଜମାଖାତା ଯାହା ନାମରେ ରହିଥିଲା ତାଙ୍କୁ ମାତ୍ର ୩ ଶହ ଟଙ୍କା ଦେଇ ସମସ୍ତ ଟଙ୍କାକୁ ବନ କର୍ମଚାରୀ ଉଠାଇ ନେଇଯାଇଥିଲେ। ମାସ ମାସ ଧରି କାମ କରୁଥିବା ଶ୍ରମିକମାନଙ୍କ ଜମା ଖାତାକୁ ଟଙ୍କା ଆସିଲା ନାହିଁ କି ନଗଦ ମଜୁରି ଟଙ୍କା ମଧ ଦିଆଗଲା ନାହିଁ ବୋଲି ଦର୍ଶାଇଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଡ.ସଞ୍ଜୀତ କୁମାର କହିଛନ୍ତି, ଏହି ଘଟଣାରେ ଅଭିଯୋଗ ହୋଇ ନାହିଁ। ଅଭିଯୋଗ ହେଲା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଯୁବକଙ୍କ ମୃତଦେହ ଜବତ

ସମ୍ବଲପୁର,୧୧।୭(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ସମଲେଇ ପଡାର ଦୟାନନ୍ଦ ଜୟପୁରିଆ (୩୫)ଙ୍କ ମୃତଦେହ ରବିବାର ସକାଳେ ପୋଲିସ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି, ଦୟାନନ୍ଦ ଶନିବାର ଘର କାମରେ ଯାଉଛି ବୋଲି କହି ବାହାରିଥିଲେ। ହେଲେ ଘରକୁ ଫେରି ନ ଥିଲେ। ସ୍ଥାନୀୟ ପଲିଟେକନିକ ପଛପଟେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ସୂଚନା ଦେବା ପରେ ପୋଲିସ ପହଞ୍ଚିଥିଲା।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଗ୍ରାମର ଚାଷୀ ଦୁର୍ଯ୍ୟୋଧନ ମାଝି ହଂସପଡା ଗ୍ରାମରେ ଥିବା ନିଜ ଚାଷ ଜମିକୁ ରବିବାର ଭୋରେ ଯାଉଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ସ୍ଥାନୀୟ କେତେକ ଲୋକେ ତାଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ବେହେରା ସେକ୍ସନ ଘଣ୍ଟିଗୁଡା ବିଟ ଫରେଷ୍ଟଗାର୍ଡ ଗିରିଧାରୀ ଗଉଡ଼ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଛନ୍ତି। ସରକାରୀସ୍ତରରେ ସହାୟତା ଯୋଗାଇ ଦେବାକୁ ବିଭାଗକୁ ଜଣାଇ ଦିଆଯିବ ବୋଲି କହିଛନ୍ତି।

# ଝାରସୁଗୁଡ଼ା-ବରଗଡ଼ ଜିଲାକୁ ହେବ ସଂଯୋଗୀକରଣ

ଝାରସୁଗୁଡ଼ା ଅଫିସ,୧୧।୭

ଝାରସୁଗୁଡ଼ା ଜିଲାରୁ ବରଗଡ଼ ଜିଲାକୁ ସଂଯୋଗୀକରଣ ପାଇଁ ମହାନଦୀ ଉପରେ ଏକ ସେତୁ ନିର୍ମାଣ କରିବାକୁ ଉଭୟ ଜିଲାବାସୀଙ୍କ ତରଫରୁ ଦାବି ହୋଇଆସୁଛି। ପ୍ରସ୍ତାବିତ ସେତୁ ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକ୍ ଭିଖମପାଲି ପଞ୍ଚାୟତ ପୂଜାରୀପାଲିରୁ ବରଗଡ଼ ଜିଲା ଅମ୍ବାଭନା ବ୍ଲକ୍ ଜରିମୁଲିକୁ ସଂଯୋଗ କରିବ। ଏ ନେଇ ବରଗଡ ଏମ୍‌ପି ସୁରେଶ ପୂଜାରୀ ଉଭୟ ଜିଲାର ଲୋକଙ୍କ ସହିତ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କ ସହିତ ମିଶି କ୍ଷେତ୍ର ପରିଦର୍ଶନ କରିଥିଲେ। ପରେ ସେ ତଥ୍ୟ ଆଧାରରେ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ବିଚାରକୁ ନେଇ ଏନ୍‌ଏଚ୍‌ଏଆଇ ତରଫରୁ ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ୍ ଆଇଏନ୍‌ସି ନାମକ ଏକ ପରାମର୍ଶଦାତା କମ୍ପାନୀ ନିଯୁକ୍ତ କରାଯାଇଥିଲା। ଏହି କମ୍ପାନୀ ତା'ର ରିପୋର୍ଟ ପ୍ରସ୍ତୁତ କରି ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିଛି।


ପ୍ରସ୍ତାବିତ ସେତୁ ନିର୍ମାଣ ହେବାକୁ ଥିବା ମହାନଦୀର ପୂଜାରୀପାଲି-ଜରିମୁଲି ଘାଟ।

ଏଥିରେ ଉଲ୍ଲେଖ ରହିଛି ମହାନଦୀ ଉପରେ ଝାରସୁଗୁଡ଼ାର ପୂଜାରୀପାଲିରୁ ବରଗଡ ଜିଲା ଜରିମୁଲିର ଦୂରତ୍ୱ ୧୨କି.ମି.। ଅପରପକ୍ଷେ ଝାରସୁଗୁଡା ଜିଲା ଲଖନପୁରରୁ ଛତିଶଗଡ ଦେଇ ବରଗଡ ଜିଲା ଅମ୍ବାଭନା ବ୍ଲକ୍‌ର ଦୂରତ୍ୱ ସଡକପଥରେ ୧୫୫କି.ମି. ରହିଛି। ମହାନଦୀ ଉପରେ ପ୍ରସ୍ତାବିତ ସେତୁ ନିର୍ମାଣ ହେଲେ ଏହି ଦୂରତା ନିଶ୍ଚିତ ହ୍ରାସ ପାଇବ। ଏହା ସହିତ ଉଭୟ ଜିଲାର

### ମହାନଦୀରେ ସେତୁ ନିର୍ମାଣ ନେଇ ରିପୋର୍ଟ ଦେଲା ଏନ୍‌ଏଚ୍‌ଏଆଇ

ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ,ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, କୃଷି ଓ ବାଣିଜ୍ୟ ଆଦି କ୍ଷେତ୍ରରେ ସୁଯୋଗ ସୃଷ୍ଟି ହେବ। ରିପୋର୍ଟରେ ତଥ୍ୟକୁ ନେଇ ଆଗାମୀ ଦିନରେ ପ୍ରସ୍ତାବିତ ସେତୁ ନିର୍ମାଣ ହେବା ଆବଶ୍ୟକତା ରହିଛି ବୋଲି ଏନ୍‌ଏଚ୍‌ଏଆଇ ନିର୍ଦ୍ଦେଶକ ହୃଦୟଙ୍ଗମ କରିଛନ୍ତି। ଏମ୍‌ପି ପୂଜାରୀଙ୍କ ଏଭଳି ଉଦ୍ୟମକୁ ଉଭୟ ଜିଲାବାସୀ ପ୍ରଶଂସା କରିଛନ୍ତି। ଏ ନେଇ ଏମ୍‌ପି ପୂଜାରୀ କହିଛନ୍ତି, ରାସ୍ତା ସଂଯୋଗୀକରଣକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇଆସୁଛନ୍ତି। ଫଳରେ ଏହି ପ୍ରସ୍ତାବିତ ସେତୁ ନିଶ୍ଚିତ ନିର୍ମାଣ ହେବ ବୋଲି ଆଶା କରାଯାଉଛି।

## ଗଡ଼ିଲା ଜନସଂଖ୍ୟା ସଚେତନତା ରଥ

କୋକସରା, ୧୧।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମପାଣି ଆରୋଗ୍ୟ କେନ୍ଦ୍ର ଓ ଲଡୁଗାଁଠାରେ ମଧ୍ୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନସଂଖ୍ୟା ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ରବିବାର କୋକସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ୱଦର୍ଶୀ ଦାସ ସବୁଜ ପତାକା ଦେଖାଇ ରଥକୁ ଉଦ୍‌ଘାଟିତ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ଗାଁ ବୁଲି ସନ୍ତାନ ଜନ୍ମକ୍ଷମ ଥିବା ଦମ୍ପତିମାନଙ୍କୁ ପରିବାର ନିୟୋଜନ ବିଷୟରେ ସଚେତନ ସହ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ସଚେତନତା କରିବ। ଏହି କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ପରିଚାଳନା କରିଥିବା ବେଳେ ଡ଼.ଅଭିଷେକ ବେହେରା, ଡ଼.ମାନବେଶ ମହାପାତ୍ର, ଫାର୍ମାସିଷ୍ଟ ସୁଧୀର ଧଙ୍ଗଡାମାଝି, ଷ୍ଟାଫନର୍ସ ଗିତାଳି ନାଏକ, ଆରତି ନାଏକ, ଛବିବାଳା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩୫ଲକ୍ଷ ଟଙ୍କା ଠକେଇ, ନାରୀନେତ୍ରୀ ଗିରଫ


ଗିରଫ ରଜନୀଙ୍କ ଫାଇଲ୍ ଫଟୋ।

**ଝାରସୁଗୁଡ଼ା ଅଫିସ,୧୧।୭:** ଝାରସୁଗୁଡା ଜିଲାରେ ସମାଜ ସେବିକା ମହିଳା ସଙ୍ଗଠନ ନାମରେ ମହିଳାଙ୍କୁ ୩୫ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ପୋଲିସ ଜଣେ ନାରୀନେତ୍ରୀଙ୍କୁ ଗିରଫକରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରଜରାଜନଗର ଥାନା ଚାରଭାଟି ଗ୍ରାମର ରଜନୀ ଭୂଏ(୩୨)। ଠକେଇର ଶିକାର ହୋଇଥିବା ଶତାଧିକ ମହିଳା ଝାରସୁଗୁଡା ଟାଉନ ଥାନାରେ ରଜନୀଙ୍କ ନାମରେ ଗତ ୧୭ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ.୩୦୧/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ଭୟରେ ରଜନୀ ଫେରାର ରହିଥିଲେ। ଲଇକେରା ଗ୍ରାମର ଜଣେ ବନ୍ଧୁଙ୍କ ଘରେ ସେ ରହିଥିବାବେଳେ ପୋଲିସ ସେଠାରୁ ତାଙ୍କୁ ରବିବାର ଗିରଫ କରିଥିଲା। ଅଭିଯୋଗରୁ ଜଣାପଡିଛି ସମାଜ ସେବିକା ମହିଳା ସଙ୍ଗଠନ ନାମରେ ରଜନୀ ୫ବର୍ଷ ହେଲା ଏକ ସଂସ୍ଥାକରି ଜିଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳର ଏସ୍‌ଏଚ୍‌ଜି ଗ୍ରୁପ ମହିଳାମାନଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇଦେବାକୁ କହି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିନେଇଛନ୍ତି। ସେ ନିଜକୁ ସରକାରୀ ପ୍ରତିନିଧି ବୋଲି ପରିଚୟ ଦେବା ସହ ସରକାରୀ ଯୋଜନାରେ ପକ୍କାଘର, ରାଶନ କାର୍ଡ, ଭତ୍ତା ଓ ବିଭିନ୍ନ ଋଣ ଆଦି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇ ମହିଳାମାନଙ୍କ ନିକଟରୁ ଟଙ୍କା ଅସୁଲ କରୁଥିଲେ। ପରେ ପ୍ରତିଶ୍ରୁତି ରକ୍ଷା ନ କରିବାରୁ ମହିଳାମାନେ ସନ୍ଦେହକରି ଅଭିଯୋଗ କରିଥିଲେ।

### ଋଣ ବ୍ୟବସ୍ଥା ନେଇ ଜିଲାପାଳଙ୍କ ସମୀକ୍ଷା ବୈଠକ

**ନୂଆପଡ଼ା ଅଫିସ,୧୧।୭:** ନୂଆପଡା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କ ସହ ଜିଲାରେ ଋଣ ବ୍ୟବସ୍ଥା ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ, ମୁଖ୍ୟ ପ୍ରବନ୍ଧକ ଓ ଶାଖା ପ୍ରବନ୍ଧକମାନେ ଯୋଗଦେଇଥିଲେ। ବର୍ତ୍ତମାନ କରୋନା ମହାମାରୀ ପରିସ୍ଥିତିରେ ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସାଧାରଣବ୍ୟକ୍ତି ବିଶେଷଙ୍କ ପାଇଁ ଋଣ ବ୍ୟବସ୍ଥା ଉପରେ ଜିଲାପାଳ ସମୀକ୍ଷା କରିଥିଲେ। ବିଶେଷ କରି ଡିଆରଆଇ, କେସିସି ସ୍ୱୟଂ ସହାୟକ ଗୋଷ୍ଠୀକୁ କିପରି ଆତ୍ମନିର୍ଭରଶୀଳ କରିହେବ ସେ ନେଇ ଋଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ନାକଟିଦେଉଳ,୧୧।୭(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ପେଣ୍ଠବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟଦେବ ରାଉଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଚ୍ୟୁତାନନ୍ଦ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ମୁଖ୍ୟଅତିଥି, ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜ କିଶୋର ସାହୁ ମୁଖ୍ୟବକ୍ତା, ନାକଟିଦେଉଳ ସିଆର୍‌ସିସି ମହେଶ୍ୱର ପ୍ରଧାନ, ବ୍ଲକ ଶିକ୍ଷକ ସମନ୍ୱୟ କମିଟି ସଭାପତି ଗୁରୁଚରଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ରାଉଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ରାଉଳ ଉକ୍ତ ବିଦ୍ୟାଳୟରେ ୨୦୧୩ରୁ ୩୦ଜୁନ ୨୦୨୧ମସିହା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ।

# ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ଉନ୍ନତିମୂଳକ କାର୍ଯ୍ୟ କରାଯାଉ

ସୁନ୍ଦରଗଡ଼,୧୧।୭(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବିଜୁ ଜନତା ଦଳର ବରିଷ୍ଠ ନେତା, ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ମଙ୍ଗଳା କିଷାନଙ୍କ ସହିତ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରବିବାର ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦେଖାକରି ଆଲୋଚନା କରିଥିଲେ। ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସୁବିଧା ପାଇଁ ରାଜଗାଙ୍ଗପୁର, କୁତ୍ରା ଓ ଲାଠିକଟା ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଲାଗି ଦାବି କରିଥିଲେ। ଏହି ସବୁ ବ୍ଲକରେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବା କମ୍ୟୁନିଟି ସେଣ୍ଟରଗୁଡିକୁ ସମ୍ପୂର୍ଣ୍ଣ କରିବା, ଖରାପ ରାସ୍ତାଗୁଡିକ ମରାମତି କରିବା, ଆଗରୁ ଚିହ୍ନିତ ହୋଇ ଦାବି କରାଯାଇଥିବା ସ୍ଥାନଗୁଡିକରେ ହାଇମାକ୍ସ ଲାଇଟ ଲଗେଇବା, ଲୋକଙ୍କ ପିଇବା ପାଇଁ ସ୍ୱଚ୍ଛ ପାଣି ଯୋଗେଇବା,ଆଗରୁ ଅନେକ ଚିହ୍ନିତ ଜାଗାରେ ଲୋକଙ୍କ ପିଇବା ପାଣିର କଷ୍ଟ ଦୂର କରିବା ଲାଗି ନଳକୂପ (ବୋରୱେଲ) କରିବା, ବର୍ଷାର ପାଣି ଠିକ ଭାବେ ନିଷ୍କାସିତ ହେବା ସହିତ ମଶା ଦାଉରୁ ରକ୍ଷା ପାଇବା ପାଇଁ ନାଳଗୁଡିକ ସଫା ରଖିବା ଏବଂ ମହାମାରୀ କରୋନା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଉଠାଦୋକାନିମାନଙ୍କୁ ଦିଆଯାଉଥିବା ସହାୟତା ରାଶି ଯେପରି ଠିକ ଏବଂ ହକଦାର ଦୋକାନି ପାଇବେ ଓ ଗରିବ ଲୋକଙ୍କୁ ଦିଆ ଯାଉଥିବା ରାଶନ ଓ ମାଗଣା ରାଶନ ହିତାଧିକାରୀମାନେ ଯେମିତି ଠିକ ପରିମାଣ ଓ ଠିକ ସମୟରେ ପାଇ ପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳଙ୍କ ପାଖରେ ଦାବି କରିଥିଲେ। ସୁନ୍ଦରଗଡ଼ର ବରିଷ୍ଠ ନେତା ତଥା ମଙ୍ଗଳା କିଷାନଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ମଧ୍ୟ ସୁନ୍ଦରଗଡ଼ ସହରର ରାସ୍ତା, ଡ୍ରେନ ଓ ଅନେକ ସ୍ଥାନରେ ମଇଳା ସବୁ ଜମା ହୋଇ ପଡ଼ି ରହୁଥିବାରୁ ବର୍ତ୍ତମାନ ସହରରେ ମଶା ବୃଦ୍ଧି ହୋଇଛନ୍ତି। ତେଣୁ ଏ ସବୁ ପ୍ରତି ଧ୍ୟାନ ଦେଇ ଠିକ ଭାବରେ ଡ୍ରେନ, ରାସ୍ତା ଓ ଜମି ରହୁଥିବା ମଇଳା ସବୁକୁ ସଫା କରେଇବା ପାଇଁ ଦାବି କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ଶୀଘ୍ର ସିଟି ସ୍କାନ ମେଶିନର ସୁବିଧା କରାଯାଇ ରୋଗୀଙ୍କ ସବୁ ପ୍ରକାର ପରୀକ୍ଷା ଏଠାରେ କରାଯିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଦାବିଗୁଡିକ ଧୈର୍ଯ୍ୟର ସହିତ ଶୁଣିବା ପରେ ଏସବୁ ଦାବିଗୁଡିକ ଖୁବଶୀଘ୍ର ପୂରଣ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ସୁନ୍ଦରଗଡ଼ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, କୁତ୍ରା ବ୍ଲକ ବିଜେଡି ନେତା ଏମଡି ସଂନୁଲ୍ଲା ଓ ଲାଠିକଟା ବ୍ଲକ ବିଜେଡି ନେତା ଛୋଟା ବାବୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିର ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି।

### ଜିଲାପାଳଙ୍କୁ ଭେଟି ଦାବି କଲେ ପୂର୍ବତନ ବିଧାୟକ ମଙ୍ଗଳା କିଷାନ

## ଝିଅକୁ ବଳାତ୍କାର ଅଭିଯୋଗରେ ବାପା ଗଲେ ଜେଲ

ଲହୁଣୀପଡା,୧୧।୭(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ସାଧୁବାହାଲ ଗ୍ରାମରେ ନିଜ ବାପ ନାମରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ନାବାଳିକା ଝିଅ। ଅଭିଯୋଗକୁ ଗୁରୁତର ସହ ବିଚାର କରି ପୋଲିସ ନାବାଳିକା ଝିଅକୁ ଡାକ୍ତରୀ ମାଇନା କରିବା ସହିତ ବାପାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତର ସାଧୁ ବାହାଲ ଗ୍ରାମରେ ଜଣେ ବ୍ୟକ୍ତି ରହନ୍ତି। ତାଙ୍କ ଘର ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ଭାଲିଆଗୋର ଗ୍ରାମରେ। ସେ ସାଧୁବାହାଲ ଗ୍ରାମରୁ ବିବାହ କରି ସେହିଦିନଠାରୁ ସାଧୁ ବାହାଲ ଗ୍ରାମରେ ରହି ଆସୁଥିଲା। ତାଙ୍କ ସ୍ତ୍ରୀ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ। ସ୍ତ୍ରୀ ଅସୁସ୍ଥତାର ସୁଯୋଗ ନେଇ ନାବାଳିକା ଝିଅ ଉପରେ ଖରାପ ଦୃଷ୍ଟି ରଖିଥିଲେ। ବଳାତ୍କାର କରିବା ସହିତ କାହାକୁ ନ କହିବା ପାଇଁ ଚେତାବନୀ ମଧ୍ୟ ଦେଇଥିଲେ। ଫଳରେ ନାବାଳିକା ଝିଅ ଭୟ ଓ ଲଜ୍ୟାରେ କାହାରିକୁ ନ କହି ଚୁପଚାପ ରହି ଯାଉଥିଲେ। ଗତ ସୋମବାର ରୋଗିଣା ସ୍ତ୍ରୀ ମୃତ୍ୟୁବରଣ କରିଥିଲେ। ଘଟଣା ସମ୍ପର୍କରେ ଝିଅ ତାଙ୍କର ମାଉସୀମାନଙ୍କୁ କହିବାରୁ ମାଉସୀ ମଉସା ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଫୁଟବଲ ଖେଳାଳି ଚନ୍ଦ୍ର ଭାନୁଙ୍କ ତିରୋଧାନ ଦିବସ



ବିଶିଷ୍ଟ ଫୁଟବଲ ଖେଳାଳି ଚନ୍ଦ୍ର ଭାନୁଙ୍କ ତିରୋଧାନ ଦିବସରେ ଉପସ୍ଥିତ କ୍ରୀଡ଼ାପ୍ରେମୀ।

ସୁନ୍ଦରଗଡ଼,୧୧।୭(ଡି.ଏନ୍.ଏ)

ଗାଙ୍ଗପୁର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସୁନ୍ଦରଗଡର ବିଶିଷ୍ଟ ଫୁଟବଲ ଖେଳାଳି ଚନ୍ଦ୍ର ଭାନୁ ସୁନାନୀଙ୍କ ୪୫ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ଷ୍ଟାଡିୟମଠାରେ କୋଭିଡ୍ ନିୟମ ଅନୁଯାୟୀ ଉପସ୍ଥିତ ଫୁଟବଲପ୍ରେମୀ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କୋଭିଡ୍ କଟକଣା ଯୋଗୁ ତାଙ୍କ ସ୍ମୃତିରେ ଏହି ଦିନ ହେଉଥିବା ଫୁଟବଲ ଖେଳକୁ ବାତିଲ କରାଯାଉଥିଲା। ତାଙ୍କ ସ୍ମୃତିକୁ ଚିରଦିନ ଉଜ୍ଜୀବୀତ ରଖିବା ପାଇଁ ଷ୍ଟାଡିୟମର ଗୋଟିଏ ଗ୍ୟାଲେରୀକୁ ଚନ୍ଦ୍ରଭାନୁଙ୍କ ନାମରେ ନାମିତ କରିବାକୁ ଜିଲା କ୍ରୀଡା ସଂସଦକୁ ସଭାରେ ଅନୁରୋଧ କରାଯାଇଥିଲା। ଗାଙ୍ଗପୁର ଆଥଲେଟିକ ଆସୋସିଏସଶର ସମ୍ପାଦକ ସୌମେନ ବାରିକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଆସୋସିଏସସନର ବରିଷ୍ଠ ସଦସ୍ୟ ପ୍ରଦୀପ ପ୍ରସାଦ, ସ୍ୱର୍ଗତ ଚନ୍ଦ୍ରଭାନୁଙ୍କ ବଡଭଉଣୀ ଅର୍ପୂବା ବାଗଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଚାଷ ହୋଇଥିବା ଗୋଚର ଜମିରେ ଗୋରୁ ଚରାଇଲେ

କର୍ଲାମୁଣ୍ଡା, ୧୧।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ପଞ୍ଚାୟତ ସିଲେଟପଡାରେ ଗୋଚର ଜମିରେ କିଛି ବ୍ୟକ୍ତି ଜବରଦସ୍ତ ଧାନଚାଷ କରିଥିଲେ। ରବିବାର ଗାଁର ଏସଏଚ୍‌ଜି ମହିଳାମାନେ ଗୋରୁ ଚରାଇ ଚାଷକୁ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ସୂଚନା ମତେ ଗାଁରେ ଥିବା ୪୦ ଏକର ଗୋଚର ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଜୋର ଜବରଦସ୍ତ ନିଜ ଅକ୍ତିଆରରେ ରଖି ସେଠରେ ସେମାନେ ଧାନଚାଷ କରିଥିଲେ। ଏ ନେଇ ଗତ କିଛି ଦିନ ତଳେ କର୍ଲାମୁଣ୍ଡା ତହସିଲଦାର, ରାଜସ୍ୱ ବିଭାଗ ଓ ଜିଲାପାଳଙ୍କୁ ଲିଖିତ ଭାବେ ଏସଏଚଜି ସଦସ୍ୟାମାନେ ଜଣାଇଥିଲେ। ଗୋଚର ଜମି ଚିହ୍ନଟ ପାଇଁ କର୍ଲାମୁଣ୍ଡା ତହସିଲଦାର ହସ୍ତକ୍ଷେପ ପରେ ଯୋରାଡବ୍ରା ରାଜସ୍ୱ ବିଭାଗ ପକ୍ଷରୁ ଗୋଚର ଜମି ଚିହ୍ନଟ କରାଯାଇଥିଲା। ଜବରଦଖଲକାରୀ ଗୋଚର ଜମିକୁ ଛାଡିବା ପରିବର୍ତ୍ତେ କପା, କାନ୍ଦୁଲ ଓ ଧାନ ଚାଷ କରିଥିଲେ। ରବିବାର ଗାଁର ୫ଟି ଏସଏଚଜିର ସଦସ୍ୟା ସଦସ୍ୟମାନେ ଗୋଚର ଜମିରେ ହୋଇଥିବା ଚାଷକୁ ଗୋରୁ ଚରାଇ ନଷ୍ଟ କରିଥିବା ଜଣାପଡିଛି।


ଏସଏଚଜି ସଦସ୍ୟା ସଦସ୍ୟମାନେ ଧାନ ଚାଷରେ ଗୋରୁ ଚରାଉଛନ୍ତି।

# ବିଭିନ୍ନ ସଙ୍ଗଠନର ଦାବି ପରେ ଏସ୍‌ପିଙ୍କ ତଦନ୍ତ

କୋକସରା, ୧୧।୭ (ଡି.ଏନ.ଏ.)

କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଗୋତମୁଣ୍ଡା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଅନାଧିକୃତ ଭାବେ ରହୁଥିବା ଭଟାପାଣି ଓ ଡୁମେରପାଣିର ୩୫ ପରିବାରକୁ ବନ ବିଭାଗ ଓ ଗୋତମୁଣ୍ଡା ବନ ସୁରକ୍ଷା ସମିତି ପକ୍ଷରୁ ବିତାଡିତ କରାଯାଇଛି। ଏହି ଘଟଣା ପରେ ରବିବାର କଳାହାଣ୍ଡି ଏସ୍‌ପି ଡ଼. ଶ୍ରାବଣ ବିବେକ.ଏମ, କଳାହାଣ୍ଡି ଡିଏସ୍‌ପି ନାରାୟଣ ନାୟକ, ଧର୍ମଗଡ ଏସଡିପିଓ ଧିରଜ କୁମାର ଚୋପଦାର ଓ ଆମପାଣି ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ଭଟାପାଣି ଓ ଡୁମେରପାଣିକୁ ଯାଇ ପୀଡ଼ିତ ପରିବାରଙ୍କୁ ଭେଟିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ ଏସ୍‌ପି ଗୋତମୁଣ୍ଡା ଫାଣ୍ଡିରେ ପହଞ୍ଚି ଗୋତମୁଣ୍ଡା ବିଟ ଜଙ୍ଗଲ ସୁରକ୍ଷା ସମିତି ସଦସ୍ୟ ଓ ବେହେରା ଫରେଷ୍ଟ କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରି ଫେରିଛନ୍ତି। ଏହି ଘଟଣା ପରେ ଆଦିବାସୀ ଦଳିତ ସଙ୍ଗଠନ ଓ ରାଜନୈତିକ ଦଳର କର୍ମକର୍ତ୍ତା ପୀଡ଼ିତ ଆଦିବାସୀ ପରିବାରଙ୍କୁ ଭେଟିଥିଲେ। ଜିଲା ପ୍ରଶାସନଙ୍କ ସମେତ କଳାହାଣ୍ଡି ଏସପିଙ୍କ ନିକଟରେ ଦାବିପତ୍ର ଦେବା ସହ ଆଦିବାସୀଙ୍କୁ ନ୍ୟାୟ ଓ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସୂଚନା ଅନୁସାରେ, ଗତ ୩୦ ତାରିଖରେ ବେହେରା ଫରେଷ୍ଟ ବିଭାଗ ଓ ଗୋତମୁଣ୍ଡା ବନ ସୁରକ୍ଷା ସମିତି ପକ୍ଷରୁ ଭଟାପାଣି ଓ ଡୁମେରପାଣି ଗ୍ରାମର ଅଧିବସୀଙ୍କୁ ମାଡ଼ ମାରି ବିତାଡ଼ିତ କରିଥିଲେ। ଏହି ଘଟଣା ନେଇ ଗତ ୨ ତାରିଖରେ ବିତାଡ଼ିତ ଆଦିବାସୀ ପରିବାର ପକ୍ଷରୁ ଆମପାଣି ଥାନାରେ ଅଭିଯୋଗ କରାଯାଇଥିଲା।


ପୀଡ଼ିତ ପରିବାରଙ୍କୁ ଭେଟୁଛନ୍ତି କଳାହାଣ୍ଡି ଏସ୍‌ପି।

### ଆଦିବାସୀ ପରିବାରଙ୍କୁ ବିତାଡିତ କରିବା ଘଟଣା


**ODISHA JOINT ENTRANCE EXAMINATION-2021 (OJEE-2021)**

No: OJEE / 230 DATE : 09.07.2021

**NOTICE REGARDING EXTENSION OF LAST DATE OF APPLICATION**

No.h-11:-
The revised dates of the Odisha Joint Entrance Examination (OJEE – 2021) will be notified, on assessment of the situation, in another two weeks. Meanwhile, the last date for submission of online application forms for all the courses (Except B.Tech.) under OJEE 2021, which started with effect from 14.04.2021 and has been extended a number of times, is again extended up to 26.07.2021 (11.59 P.M.) and last date for fee payment up to 28.07.2021 (11.59 P.M.).

The interested candidates may kindly note that these dates are final and there will not be any more extension of these dates.

Sd./- CHAIRMAN, OJEE
Odisha
OIPR-14020/11/0005/2122

**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

